## ନାଳରେ ବୁଡ଼ିଗଲେ ମହିଳା

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଷାଖରୀ ପଞ୍ଚାୟତ କାଶିଆ ନାଳରେ ବୁଡ଼ି ରବିବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ବଡ଼ ଧନୁର୍ଜୟପୁର ଗ୍ରାମ ମୁଣ୍ଡାସାହିର ଫୁଲମଣି ମହାରଣା(୫୩)। ସେ ନାଳକୁ ଗାଧୋଇବାକୁ ଯାଇ ଭାସିଯାଇଥିଲେ। ପରିବାର ଲୋକେ ଖୋଜା ଖୋଜି କରି ଗାଧୁଆ ଘାଟଠାରୁ କିଛି ଦୂର ଏକ ଗଛରେ ମୃତଦେହ ଲାଖିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପାଟଣା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପାଟଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୮/୨୩)ରୁଜୁ କରିଥିବା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ କହିଛନ୍ତି।

# ନିଲାମ ଧରୁନାହାନ୍ତି ବ୍ୟବସାୟୀ, ଶଢ଼ୁଛି ନଡ଼ିଆ

ଘଟଗାଁ,୧୦।୯ (ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀଙ୍କ ନିକଟକୁ ରାଜ୍ୟର ବିଭିନ୍ନ ଜିଲାରୁ ଦୈନିକ ହଜାର ହଜାର ମାନସିକ ନଡ଼ିଆ ଭକ୍ତ ପଠାଉଛନ୍ତି। ମାତ୍ର ଭକ୍ତଙ୍କ ଆଶା ବିଶ୍ୱାସ ଉପରେ କୁଠାରଘାତ କରାଯାଉଛି। ଏହା ଭୋଗ ନ ଲଗାଯାଇ ମନ୍ଦିର ପରିସରରେ ଥିବା ଗୋଦାମ ଗୃହରେ ପକାଇ ଦିଆଯାଉଛି। ଏଭଳି ଗୋଦାମରେ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ନଡ଼ିଆ ଜମା ହୋଇଥିବା ବେଳେ ନିଲାମ କରାଯାଇ ମା'ଙ୍କ ଉନ୍ନୟନ କାର୍ଯ୍ୟରେ ବି ଲଗାଯାଉନାହିଁ। ଗୋଦାମରେ ପଡ଼ି ପଡ଼ି ନଡ଼ିଆ ଶଢ଼ୁଥିବା ଦେଖିବାକୁ ମିଳିଛି। ଏଥିପାଇଁ ଦେବୋତ୍ତର ବିଭାଗ ଦାୟୀ ବୋଲି ଅଭିଯୋଗ ହେଉଛି। ନିଲାମଧାରୀ ବ୍ୟବସାୟୀଙ୍କୁ ହଇରାଣ କରାଯାଇଥିବା ନେଇ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ନ ହେବାରୁ କେହି ଟେଣ୍ଡରକୁ ଆସୁ ନ ଥିବା ପୂର୍ବ ଟେଣ୍ଡରଧାରୀ କହିଛନ୍ତି।

ସୂଚନା ଅନୁଯାୟୀ, ରାଜ୍ୟର ପ୍ରତ୍ୟେକ ଜିଲାରେ ଥିବା ହୁଣ୍ଡିରୁ ଦୈନିକ ୧୦ରୁ ୧୫ ହଜାର ମାନସିକ ନଡ଼ିଆ ବିଭିନ୍ନ ବସ୍‌ଷ୍ଟାଣ୍ଡରୁ ବସ୍ ଓ ସ୍ୱତନ୍ତ୍ର ଗାଡ଼ି ଯୋଗେ ଘଟଗାଁକୁ ଆସିଥାଏ। ମାନସିକ ନଡ଼ିଆ ଭୋଗ ଲାଗିବା ପରେ ଟେଣ୍ଡର ଯୋଗେ ବାର୍ଷିକ ଟ୍ରଷ୍ଟ ବୋର୍ଡ ବିକ୍ରି କରିଥାଏ। ଏଥିରୁ ଯେଉଁ ଆୟ ହୁଏ ତାହା ମନ୍ଦିର ଉନ୍ନୟନ କାମରେ ଲାଗିଥାଏ। ପରିଚାଳନା ବୋର୍ଡ ଏକ ବର୍ଷ ହେବ ଭାଙ୍ଗିଯାଇଥିବା ବେଳେ ଦେବୋତ୍ତର ବିଭାଗ ପରିଚାଳନା କରୁଛି। ଗତ ଏପ୍ରିଲରେ ମାନସିକ ନଡ଼ିଆ ବିକ୍ରି ପାଇଁ ବାର୍ଷିକ ଟେଣ୍ଡର ଆହ୍ୱାନ କରି ୪.୬୦ ପଇସାରେ ଟେଣ୍ଡର ଡକାଯାଇଥିଲା। ଜିତେନ୍ଦ୍ର ଜେନା ନାମକ ବ୍ୟବସାୟୀ ୪.୬୫ ପଇସା ମୂଲ୍ୟରେ ଟେଣ୍ଡର ନେଇ ଚୁକ୍ତିନାମା କରିଥିଲେ। ସେ ଦୁଇମାସ ଭୋଗ ନଡ଼ିଆ କ୍ରୟ କରି ହଠାତ ଟେଣ୍ଡରରୁ ଓହରି ଯାଇଥିଲେ। ପରେ ମନ୍ଦିର ପ୍ରଶାସନ ୪.୬୫ ପଇସାରେ ଟେଣ୍ଡର ଆହ୍ୱାନ କରିଥିଲେ। ଏଥିରେ କେହି ଆଗ୍ରହ ପ୍ରକାଶ କରି ନ



ଗୋଦାମରେ ପଡ଼ିଥିବା ନଡ଼ିଆ।

ଥିବା ବେଳେ ପୁନଶ୍ଚ ମୂଲ୍ୟକୁ ହ୍ରାସ କରି ୩.୭୬ ପଇସାରେ ଭୋଗ ନଡ଼ିଆ ବିକ୍ରି ପାଇଁ ୩ ଥର ଟେଣ୍ଡର ଆହ୍ୱାନ କରିଥିଲେ। ତଥାପି ବ୍ୟବସାୟୀ ଟେଣ୍ଡରରେ ଭାଗ ନେଇ ନ ଥିଲେ। ମାନସିକ ନଡ଼ିଆ ଗଚ୍ଛିତ ପରିମାଣ ବୃଦ୍ଧି ପାଉଥିବାରୁ ଦେବୋତ୍ତର କମିଶନର, ଭୁବନେଶ୍ୱର ଏହାକୁ ଖୋଲା ନିଲାମ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଏନେଇ ବ୍ୟବସାୟୀ ଜିତେନ୍ଦ୍ର କହିଛନ୍ତି, ତାଙ୍କୁ ଜାଣିଶୁଣି ହଇରାଣ କରାଗଲା। ପୁରୁଣା ନିଲାମଧାରୀଙ୍କ କଥାରେ ଅଫିସ କର୍ମଚାରୀ ତାଙ୍କୁ ଅଧିକ ପଚା ନଡ଼ିଆ ଦେଲେ। ଏ ନେଇ ସମ୍ବଲପୁର ଡିଭିଜନାଲ ଇନ୍ସପେକ୍ଟରଙ୍କୁ ଲିଖିତ ଅଭିଯୋଗ କରିବା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ। ତେଣୁ ବାଧ ହୋଇ ନଡିଆ ଉଠାଇବାକୁ ମନାକରିଥିଲେ।

ଏ ସମ୍ପର୍କରେ ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ସମ୍ବଲପୁର ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି କହିଛନ୍ତି, ଟେଣ୍ଡରରେ କେହି ବ୍ୟବସାୟୀ ଅଂଶଗ୍ରହଣ କରୁ ନ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଦେବୋତ୍ତର କମିଶନର ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ୪.୬୦ ପଇସାରେ ଖୋଲା ନିଲାମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟବସାୟୀଙ୍କୁ ହଇରାଣ କରାଯାଇନାହିଁ, ଲିଖିତ ଅଭିଯୋଗ କଥା ମନେ ପଡୁନାହିଁ, କିନ୍ତୁ କମ୍ ଅଭିଯୋଗ ପରେ ତାଙ୍କୁ ନଡ଼ିଆ ଦିଆଯାଇଥିଲା। ସେ ଟାର୍ଗେଟ ଅନୁସାରେ ନଡ଼ିଆ ଉଠାଇ ପାରିଲେନି ତେଣୁ ଛାଡ଼ିଦେଲେ ବୋଲି କମିଶନର କହିଛନ୍ତି।

- ଗୋଦାମରେ ପଡ଼ିଛି ମା' ତାରିଣୀଙ୍କ ୧୨ ଲକ୍ଷ ମାନସିକ ନଡ଼ିଆ
- ୧ ବର୍ଷ ହେଲା ପରିଚାଳନା ବୋର୍ଡ ନାହିଁ
- ଦେବୋତ୍ତର କମିଶନରଙ୍କ ଖୋଲା ନିଲାମ ନିର୍ଦ୍ଦେଶ

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

ବଡ଼ବିଲ,୧୦।୯ (ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ସାଧୁସିଂହ ହଟିଂରେ ରବିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ସାଧୁସିଂହ ହଟିଂର କୁନୁ ଲୋହାର(୨୧)। ଘରେ ଏକ କାର୍ଯ୍ୟକ୍ରମ ଥିବାରୁ କୁନୁ ଘରେ ରଙ୍ଗ ମାରୁଥିଲେ। କାନ୍ଥ ନିକଟରେ ଥିବା ଏକ ଲୁହା ପାଇପରେ କୌଣସି କାରଣରୁ ବିଦ୍ୟୁତ୍ ଚାର୍ଜ ହୋଇଯାଇଥିଲା। ରଙ୍ଗ ମାରୁଥିବା ସମୟରେ ଉକ୍ତ ପାଇପ୍‌ଟିକୁ ସେ ଧରିଦେଇଥିଲେ। ଫଳରେ ଗୁରୁତର ଅବସ୍ଥାରେ ଛିଟିକି ପଡ଼ିଥିଲେ। ପରିବାର ଲୋକେ ତୁରନ୍ତ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ବିଲ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୬/୨୦୨୩)ରୁଜୁ ହୋଇଛି।

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

ଲଙ୍ଗଳେଶ୍ୱର,୧୦।୯(କମଳାକାନ୍ତ ଦାସ)– ସିଂଲା ଥାନା ଅନ୍ତର୍ଗତ ରାଇପୁର ଗ୍ରାମର ଦିଲ୍ଲୀପ ଜେନାଙ୍କ ସ୍ତ୍ରୀ ପୂଜାରାଣୀ ରବିବାର ସକାଳେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି।

ସୂଚନା ଅନୁଯାୟୀ, ବାଲିଆପାଳ ଥାନା ଅନ୍ତର୍ଗତ ଚାନ୍ଦମଣି ଗ୍ରାମର ଜନ୍ମେଜୟ ଜେନାଙ୍କ ଝିଅ ପୂଜାରାଣୀଙ୍କ ସହ ରାଇପୁର ଗ୍ରାମର ବଂଶୀଧର ଜେନାଙ୍କ ପୁଅଙ୍କ ସହ ଗତ ୩ ବର୍ଷ ପୂର୍ବରୁ ବୈଦୀକ ରୀତିରେ ବିବାହ ହୋଇ ଥିଲା। ସେମାନଙ୍କର ୨ ବର୍ଷର ଝିଅ ରହିଛି। ତେବେ ଦିଲ୍ଲୀପ ବାହାର ରାଜ୍ୟରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ରବିବାର ସକାଳେ ପୂଜାରାଣୀ କୌଣସି କଥାକୁ ନେଇ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ମୃତ ମହିଳାଙ୍କ ବାପଘର ଲୋକେ ତାଙ୍କ ଝିଅଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ସିଂଲା ପୋଲିସ ମୃତଦେହ ଜବତ କରି ବ୍ୟବଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୨୯/୨୩) ରୁଜୁ ହୋଇଛି।

### ଟ୍ରକ୍ ସହ ଧକ୍କାରେ ମାଲବାହୀ ଅଟୋ ଚାଳକ ମୃତ

ତିହିଡ଼ି,୧୦।୯(ସଞ୍ଜିତବଳ): ଭଦ୍ରକ–ଚାନ୍ଦବାଲି ରାସ୍ତାର ଫତେପୁର ଛକରେ ରବିବାର ମଧ୍ୟାହ୍ନରେ ଏକ ଟ୍ରକ୍ ସହ ମାଲବାହୀ ଅଟୋ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଅଟୋ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଭଦ୍ରକ ବ୍ଲକ ସାବରଙ୍ଗ ଥାନା ଅଧୀନ କେଦାରପୁର ଗ୍ରାମର ଲକ୍ଷ୍ମୀଧର ଜେନା (୩୫)। ସୂଚନା ଅନୁଯାୟୀ, ଭଦ୍ରକରୁ ଚାନ୍ଦବାଲି ଅଭିମୁଖେ ଯାଉଥିବା ଟ୍ରକ୍ ସହ ତିହିଡ଼ି ଅଭିମୁଖେ ଯାଉଥିବା ଅଟୋ ଧକ୍କା ହୋଇଥିଲା। ଗୁରୁତର ଅଟୋ ଚାଳକଙ୍କୁ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

### ସ୍ୱର୍ଣ୍ଣ ଅଳଙ୍କାର ସଂଘ ସଭାପତିଙ୍କ ପରଲୋକ

ଧାମନଗର,୧୦।୯(ଦେବେନ୍ଦ୍ର ଆଦିଆ)–ଭଦ୍ରକ ଜିଲା ଧାମନଗର–ଦୋବଲ ସ୍ୱର୍ଣ୍ଣ ଅଳଙ୍କାର ସଂଘ ସଭାପତି ବ୍ୟବସାୟୀ ରଘୁନାଥ ସାହୁ(୭୫)ଙ୍କ ରବିବାର ପରଲୋକ ହୋଇଛି। ସେ କିଛିଦିନ ଧରି ବିଭିନ୍ନ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ଥିଲେ। ତିନିଦିନ ତଳେ କଟକସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେ ଧାମନଗର ବଜାର କାଳୀପୂଜା କମିଟିର ସଭାପତି ଥିଲେ। ଅପରାହ୍ନରେ ତାଙ୍କ ମରଶରୀର ଧାମନଗର ଅଣାଯାଇ ବଜାର ଓ ଗାଁ ପରିକ୍ରମା ପରେ ସତ୍କାର କରାଯାଇଥିଲା। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଭାଜପା ନେତା ଅଭିମନ୍ୟୁ ସେଠୀ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଶରତ ଚନ୍ଦ୍ର ମହାନ୍ତି, କୈଳାସ ଚନ୍ଦ୍ର ମହାପାତ୍ର, ଜଗନ୍ନାଥ ଦାଶ, ପାରିଷଦ ସ୍ୱାଧୀନ ସମ୍ବିତ ଦାସ, କୈଳାସ ଚନ୍ଦ୍ର ଗୁପ୍ତା, କାଳୀପୂଜା କମିଟି ସମ୍ପାଦକ ଶ୍ୟାମସୁନ୍ଦର ରାଉତ, କୋଷାଧ୍ୟକ୍ଷ ସାଗର ଚନ୍ଦ୍ର ସାହୁ, ସ୍ୱର୍ଣ୍ଣ ଅଳଙ୍କାର ସଂଘ ସଦସ୍ୟ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ରବିବାର ଧାମନଗର ବଜାର ଓ ସ୍ୱର୍ଣ୍ଣ ଅଳଙ୍କାର ପ୍ରତିଷ୍ଠାନ ବନ୍ଦ କରାଯାଇଥିଲା।

## 'ପଣ୍ଡିତ ଲକ୍ଷ୍ମୀଧର ଥିଲେ ସମାଜ ପାଇଁ ଅନିର୍ବାଣ ଦୀପଶିଖା'



ଅତିଥିମାନେ ସ୍ମୃତି ପରିଷଦର ମୁଖପତ୍ର ଉନ୍ମୋଚନ କରୁଛନ୍ତି।

ବଡ଼ସାହି, ୧୦।୯ (ସମ୍ବିତ କୁମାର ରାଉତ)

ଉତ୍କଳରତ୍ନ ସ୍ୱର୍ଗତ ପଣ୍ଡିତ ଲକ୍ଷ୍ମୀଧର ରାଉତ ଥିଲେ ସମାଜ ପାଇଁ ଅନିର୍ବାଣ ଦୀପଶିଖା। କଳା, ସାହିତ୍ୟ ଓ ସାଂସ୍କୃତିକ ଚେତନାର ଜଣେ ବାର୍ତ୍ତାବହ ଭାବେ ବହୁ ଅନୁଷ୍ଠାନ ଗଠନ କରିଥିଲେ ବୋଲି ରବିବାର ତାଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଅନୁଷ୍ଠିତ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ବାଣୀପୀଠ ତରଫରୁ ପଣ୍ଡିତ ଲକ୍ଷ୍ମୀଧର ରାଉତ ସ୍ମୃତି ପରିଷଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ, କବିତା ପାଠୋତ୍ସବ, ସମ୍ବର୍ଦ୍ଧନା ସମାରୋହ ଓ ପତ୍ରିକା ଉନ୍ମୋଚନ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ସିଟିଜେନ ଫୋରମର ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ଅଧ୍ୟକ୍ଷତାରେ ବାଣୀପୀଠ ମୁଖ୍ୟ ନିଶାମଣି ରାଉତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆମ ସୁନାଚାନ୍ଦର ସହ ସମ୍ପାଦକ ଆଡ୍‌ଭୋକେଟ ସତ୍ୟବ୍ରତ ମିଶ୍ର ସାରସ୍ୱତ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟ ଅତିଥିଭାବେ ଜଳେଶ୍ୱର ଦୀନକୃଷ୍ଣ ସ୍ମୃତି ପରିଷଦର ସମ୍ପାଦକ ବିପିନ ବିହାରୀ ବିଶ୍ୱାଳ, ମୁଖ୍ୟ ବକ୍ତାଭାବେ ଡ. ବିଜୟ ଅଗ୍ରୱାଲା, ସ୍ୱତନ୍ତ୍ର ଅତିଥିଭାବେ ପରିବେଶବିତ୍ ସନ୍ତୋଷ ମହାନ୍ତ, ଶରତ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥିଭାବେ ଉତ୍କଳ ଶିକ୍ଷା ପରିଷଦର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ, କଲେଜ ଅଧ୍ୟକ୍ଷା ଡ. ଅସୀମା ସାହୁ, ଶରତ ଚନ୍ଦ୍ର ମହାପାତ୍ର, ଭୁବନ ମୋହନ ମହାନ୍ତି, ଆଡ୍‌ଭୋକେଟ ସଚ୍ଚିଦାନନ୍ଦ ମହାନ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମ ତାଙ୍କ ଜନ୍ମଦିନ ଗତ ୭ ତାରିଖରୁ ଆରମ୍ଭ ହୋଇ ରବିବାର ବିବେକାନନ୍ଦ ବିହାରରେ ସମାହିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର କୁମାର ବାବୁଲିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସଞ୍ଚାଳନ କରିଥିଲେ। ପଣ୍ଡିତ ଲକ୍ଷ୍ମୀଧର ରାଉତ ସ୍ମୃତି ପରିଷଦର ମୁଖପତ୍ର 'ଜ୍ୟୋତି' ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦିକା ରାଉତ ସୂର୍ଯ୍ୟକାନ୍ତି ପୁହାଣ, ସହସମ୍ପାଦକ ଶାନ୍ତିପ୍ରବୀର ରାଉତ ଓ ପରିଚାଳନା ସମ୍ପାଦକ ସମ୍ବିତ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।

## ପୂର୍ବତନ ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ଚାନ୍ଦବାଲି, ୧୦।୯ (ଅଶୋକ କୁମାର ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ଜୟନ୍ତ ବେହୁରାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଏବଂ ସ୍ମୃତିସଭା ଗୁଆଁଶୋଳଠାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଡ. ବ୍ୟୋମକେଶ ରାୟ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। କରଞ୍ଜମାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ କେଶବ ନାୟକଙ୍କ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ସଭ୍ୟ ରଞ୍ଜନ ସାହୁ, ପ୍ରିନ୍ସ ରାକେଶ ନାୟକ, ବଳଭଦ୍ର ଲେଙ୍କା, ସରପଞ୍ଚ ନିବେଦିତା ନାୟକ, ସମିତିସଭ୍ୟା ତଥା ସ୍ୱର୍ଗତ ଉପାଧ୍ୟକ୍ଷଙ୍କ ପତ୍ନୀ ସ୍ୱର୍ଣ୍ଣପ୍ରଭା ବେହୁରା, ପୂର୍ବତନ ସରପଞ୍ଚ ରମେଶ ନାୟକ, କେଶବ ଚନ୍ଦ୍ର ନାୟକ, ନରହରି ମଲିକ, କଂଗ୍ରେସ ନେତା ଦିଗମ୍ବର ଦାସ ପ୍ରମୁଖ ଯୋଗଦେଇ ସ୍ଥାନୀୟ ଅଞ୍ଚଳରେ ସ୍ୱର୍ଗତ ବେହୁରା ଜନମାନସର ନେତା ଥିଲେ ବୋଲି କହିଥିଲେ। ପୂର୍ବତନ ସରପଞ୍ଚ ଅରୁଣ ମହାନ୍ତି, ଅନୀଲ ନାୟକ, ଅଶୋକ ଜାନା, ଝଡୁ ମଣ୍ଡଳ, ଦୀପକ ଦାସ, ଅତୁଲ ଜାନା, ନେପାଳୀ ନାୟକ, ବାସୁଦେବପୁର ଭାଜପା ନେତା ପୁତୁନ ମଲିକ, ମୁଜିବୁର ଅଲ୍ଲିଖାଁ ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ନରହରି ମଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ନିଷ୍ଠା, ସାଧନା ପାଖରେ କିଛି ଅସମ୍ଭବ ନୁହେଁ

ବନ୍ତ,୧୦।୯(ହରିନାରାୟଣ ମହାନ୍ତି)

### ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଗୁରୁଦିବସ ଅବସରରେ ନୂଆଦିଲ୍ଲୀଠାରେ ଭଦ୍ରକ ଜିଲା ବନ୍ତ ବ୍ଲକ କେନ୍ଦୁଆପଦା ସରକାରୀ ଉଚ୍ଚ ବିଦ୍ୟାଳୟର ଆଦର୍ଶ ପ୍ରଧାନଶିକ୍ଷକ ଶଶୀଶେଖର କରଶର୍ମା ରାଷ୍ଟ୍ରପତିଙ୍କଠାରୁ 'ରାଷ୍ଟ୍ରୀୟ ଶିକ୍ଷକ ସମ୍ମାନ' ଗ୍ରହଣ କରିଛନ୍ତି। ଏହି ଅବସରରେ ବନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଓଷ୍ଟାର ବ୍ଲକ ସଂଘ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ଉତ୍ସବରେ ଅତିଥିମାନେ ଯୋଗଦେଇ ତ୍ୟାଗ, ନିଷ୍ଠା ଓ ସାଧନା ପାଖରେ କିଛି ଅସମ୍ଭବ ନୁହେଁ ବୋଲି କହିଥିଲେ। ଓଷ୍ଟାର ବ୍ଲକ ସଭାପତି ନାରାୟଣ ଚନ୍ଦ୍ର ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦୀପକ ପାଢ଼ୀ, ମୁଖ୍ୟବକ୍ତା ଡ.ମାୟାଧର ସାହୁ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢୀ ଓ ପ୍ରଧାନଶିକ୍ଷୟିତ୍ରୀ ଅରୁନ୍ଧତୀ ସେନାପତି ଯୋଗ ଦେଇଥିଲେ। ଶିକ୍ଷକ ଶ୍ରୀକାନ୍ତ ପଣ୍ଡା ଅତିଥି ପରିଚୟ, ଅନନ୍ତ ଜେନା ସ୍ୱାଗତ ଭାଷଣ ଓ ସନ୍ତୋଷ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ରାଷ୍ଟ୍ରପତି ସମ୍ମାନପ୍ରାପ୍ତ ଶିକ୍ଷକ କରଶର୍ମାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

ଆନନ୍ଦ ଚନ୍ଦ୍ର ରାଉତ, ପୂର୍ଣ୍ଣଚନ୍ଦ୍ର କର, ରମେଶ ବେହେରା, ରବୀନ୍ଦ୍ର ନନ୍ଦ, ଆଲୋକ ମୁଖାର୍ଜୀ, ଆଲୋକ ପ୍ରଧାନ, ଜଗନ୍ନାଥ ଦ୍ୱିବେଦୀ, ୟାକତ୍ ଅଲ୍ଲୀ, ସୁମତି ନାୟକ ଓ ବିଶ୍ୱଜିତ ରାଉତ ସହଯୋଗ କରିଥିଲେ। ସେହିପରି ନିଜସ୍ୱ ଗ୍ରାମ ଆମ୍ଭୋରଠାରେ ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବରିଷ୍ଠ ନାଗରିକ ମୁରଲୀଧର ଲେଙ୍କାଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ଶ୍ରୀନିବାସ ଲେଙ୍କା, ସରପଞ୍ଚ ପ୍ରମୋଦ ଜେନା, ରମେଶ ଚନ୍ଦ୍ର ରାଉତରାୟ, ଭାଗବତ ସୂତାର, କିଶୋର ଚନ୍ଦ୍ର ଦାସ, ସୁରେନ୍ଦ୍ର ନାଥ ସ୍ୱାଇଁ, ରବୀନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଓଷ୍ଟା ପକ୍ଷରୁ ଶିକ୍ଷକ ଶଶୀଶେଖର କରଶର୍ମାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଭାରସାମ୍ୟ ହରାଇ ଗଛରେ ପିଟିହେଲା ଟ୍ରକ୍

ଯୋଡ଼ା,୧୦।୯(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରର ୯ ନଂ. ୱାର୍ଡ ମଙ୍ଗଳାମନ୍ଦିର ସମ୍ମୁଖ ରାସ୍ତାରେ ଭାରସାମ୍ୟ ହରାଇ ଜଣେ ଡ୍ରାଇଭର ଟ୍ରକ୍‌କୁ ଗଛରେ ଧକ୍କା ଦେଇଛନ୍ତି। ଗଛ ନିକଟରେ ଥିବା ପରିବାର ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ନେବାରୁ ଜଣାପଡ଼ିଛି, ଶନିବାର ରାତିରେ ଏକ ୧୪ ଚକିଆ ଟ୍ରକ୍ (ନଂ. ଓଡି୦୯ ୦୮୩୭) ବାଂଶପାଣି ଆଡୁ ଯୋଡ଼ା ଅଭିମୁଖେ ଯାଉଥିଲା। ମଙ୍ଗଳା ମନ୍ଦିର ଛକ ନିକଟ ରାସ୍ତାରେ ଭାରସାମ୍ୟ ହରାଇ ଡ୍ରେନ୍ ଅତିକ୍ରମ କରି ଏକ ଗଛରେ ପିଟି ହୋଇଥିଲା। ଗଛକୁ ଲାଗି ଏକ ଘରେ ରହିଥିବା ବେଳେ ଗଛ ଯୋଗୁ ଏକ ବଡ଼ ବିପଦ ଟଳିଯାଇଛି। ପୋଲିସ ପହଞ୍ଚି ନିଶାଶକ୍ତ ଅବସ୍ଥାରେ ଥିବା ଗାଡ଼ି ଚାଳକ ସ୍ୱାହାନ ଲାମଗାଙ୍କୁ ଗିରଫ କରିଥିଲା। ଯୋଡ଼ା ସହରରେ ଫ୍ଲାଏ ଓଭର ଓ ସର୍ଭିସ ରୋଡ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ସର୍ଭିସ ରୋଡ୍‌ରେ ବ୍ୟବସାୟୀ ମାନେ ଗାଡ଼ି ପାର୍କିଂ ଓ ଖଣିଜ ବୋଝେଇ ଟ୍ରକ୍ ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ଯୋଗୁ ଦୁର୍ଘଟଣା ଘଟୁଛି।

## ମହିଳା ଗୋଷ୍ଠୀଙ୍କୁ ମଦ ବ୍ୟବସାୟୀଙ୍କ ଧମକ

ଖଇରା,୧୦।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ବର୍ତ୍ତନା ପଞ୍ଚାୟତ ଉଦୟପୁର ଗ୍ରାମର ବେଆଇନ ମଦ ବିକ୍ରେତା ସୁଧୀର ଦାସ ଓ ତାଙ୍କ ଘରେ ଥିବା ବ୍ୟାପକ ମଦକୁ ମହିଳାମାନେ ଧରି ଅବକାରୀ ବିଭାଗକୁ ହସ୍ତାନ୍ତର କରିଥିଲେ। ଦିନକ ପରେ ସେ ଜେଲରୁ ମୁକୁଳିବା ପରେ ଗ୍ରାମରେ କୋକୁଆ ଭୟ ସୃଷ୍ଟି ହୋଇଛି। ଉକ୍ତ ମଦ ବିକ୍ରେତା ଓ ତାଙ୍କର ସହଯୋଗୀମାନଙ୍କ ସହ ମିଶି ମହିଳାମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଧମକଚମକ ଦେଇଥିବା ନେଇ ଶନିବାର ମହିଳା ଗୋଷ୍ଠୀ ଖଇରା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତୁରନ୍ତ ଉକ୍ତ ମଦ ବିକ୍ରେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମର ମାତୃଶକ୍ତି ସ୍ୱୟଂ ସହାୟିକା ଗୋଷ୍ଠୀ ଦାବି କରିଛି। ଯଦି କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହୁଏ, ତେବେ ମହିଳାମାନେ ଧାରଣାରେ ବସିବେ ବୋଲି ଗ୍ରୁପର ସଦସ୍ୟା ରଶ୍ମିତା ଦାସ, ପ୍ରଭାତୀ ଦାସ, ମାନସୀ ଦାସ, ସସ୍ମିତା ଦାସ, ତାରାମଣି ଦାସ, ଜୟନ୍ତୀ ଦାସ, ସୁକାନ୍ତି ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଉଦୟପୁର ଗ୍ରାମରେ ନକଲି ମଦ ପିଇ ଗ୍ରାମବାସୀ ଅସୁସ୍ଥ ହେବା ଓ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ପରେ ୫ତାରିଖରେ ମହିଳା ଗୋଷ୍ଠୀ ଓ ଗ୍ରାମବାସୀ ଏକଜୁଟ ହୋଇ ସୁଧୀରଙ୍କୁ ଧରି ଅବକାରୀ ବିଭାଗକୁ ହସ୍ତାନ୍ତର କରିଥିଲେ।



ଖଇରା ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

# 'ସଂଗ୍ରାମୀଙ୍କ ବଳିଦାନ ଯୁବଗୋଷ୍ଠୀଙ୍କୁ ସର୍ବଦା ଅନୁପ୍ରାଣିତ କରିବ'



ସାଧାରଣ ସଭାରେ ମଞ୍ଚାସୀନ ଅତିଥିମାନେ।

ବାଲେଶ୍ୱର,୧୦।୯(ମାନସ ବିଶ୍ୱାଳ)

### ଶହୀଦ ବାଘାଯତୀନଙ୍କ ୧୦୮ତମ ବଳିଦାନ ସ୍ମୃତି ସମାରୋହ

ବାଲେଶ୍ୱର ସହର ବାରବାଟୀ ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ବାଘାଯତୀନ ଉନ୍ନୟନ କମିଟି ପକ୍ଷରୁ ବିପ୍ଳବୀ ବୀର ଶହୀଦ ବାଘାଯତୀନଙ୍କ ୧୦୮ତମ ବଳିଦାନ ସ୍ମୃତି ସମାରୋହ ରବିବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପଶ୍ଚିମବଙ୍ଗରୁ ଆସିଥିବା ରକ୍ତତୀର୍ଥ ଯାତ୍ରୀ ଦଳ ସହରର ବାରବାଟୀ ଉଚ୍ଚବାଳିକା ବିଦ୍ୟାଳୟର ପହଞ୍ଚିବା ପରେ ଅତିଥିମାନଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ସହ ଶହୀଦ ବାଘାଯତୀନଙ୍କ ପ୍ରତିମୂର୍ତ୍ତି ଏବଂ ୪ ଜଣ ସାଥୀଙ୍କ ଫଟୋଚିତ୍ରରେ ସାମୂହିକ ମାଲ୍ୟାର୍ପଣ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରାଯାଇଥିଲା।

ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଉନ୍ନୟନ କମିଟିର କାର୍ଯ୍ୟକାରୀ ସଭାପତି ସୁଜିତ୍ ଦେବ ସଭାପତିତ୍ୱ କରିଥିଲେ। କମିଟିର ସାଧାରଣ ସମ୍ପାଦକ ହରେନ ଚନ୍ଦ୍ର ରଣା ଅତିଥି ପରିଚୟ, ସ୍ୱାଗତ ଅଭିଭାଷଣ ସହ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗଦେଇ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ କ୍ରାନ୍ତିକାରୀ ନେତା ଭାବେ ବାଘାଯତୀନ ଓ ସାଥୀଙ୍କ ବଳିଦାନ ଭାରତର ଯୁବଗୋଷ୍ଠୀଙ୍କୁ ସର୍ବଦା ଅନୁପ୍ରାଣିତ କରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର କ୍ରାନ୍ତିକାରୀଙ୍କ ମଧ୍ୟରେ ଦୃଢ଼ ଆତ୍ମଶକ୍ତି ଉଦ୍ରେକ କରିବାରେ ବାଘାଯତୀନଙ୍କ ଭୂମିକା ବେଶ୍ ପ୍ରେରଣାଦାୟକ ଥିଲା ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ବ୍ରିଟ୍ ଅଧ୍ୟକ୍ଷ ଆଲୋକ ସାହୁ, ପୌରଧ୍ୟକ୍ଷା ସବିତା ସାହୁ, ଜିଲା ସଂସ୍କୃତି ଅଧିକାରିଣୀ ମନସ୍ୱିନୀ ରାଉତ, କାଉନସିଲର ମୀନା ମହାନ୍ତି, ପଶ୍ଚିମବଙ୍ଗରୁ ଆସିଥିବା ରକ୍ତତୀର୍ଥ ଅଭିଯାତ୍ରୀ ଦଳର ସୁଜିତ କୁମାର ଭୌମିକ ପ୍ରମୁଖ ଯୋଗଦେଇ ଦେଶ ମୁକ୍ତି ପାଇଁ ଶହୀଦ ବୀରଙ୍କ ଆଦର୍ଶକୁ ଗ୍ରହଣ କରିବା ସହିତ ସେମାନଙ୍କର ସ୍ୱପ୍ନକୁ ସାକାର କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବାରବାଟୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୋନାଲି ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ବାରିପଦାରେ ଶୋଭାଯାତ୍ରା

ବାରିପଦା, ୧୦।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଏଆଇଡିଏସ୍‌ଓର ମୟୂରଭଞ୍ଜ ଜିଲା କମିଟି ଆନୁକୂଲ୍ୟରେ ରବିବାର ସ୍ୱାଧୀନତା ସଂଗ୍ରାମୀ ଶହୀଦ ବାଘାଯତୀନଙ୍କ ୧୦୮ତମ ଶହୀଦ ଦିବସରେ ଛାତ୍ରୀଛାତ୍ରଙ୍କ ଏକ ଶୋଭାଯାତ୍ରା କରାଯାଇଛି। ବାରିପଦାର କୃଷ୍ଣଚନ୍ଦ୍ର ଗୋଲେଇଠାରୁ ଏମ୍‌କେସି ହାଇସ୍କୁଲ ଛକ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ଯାଇଥିଲା। ପରେ ଏକ ସଭାରେ ମୁଖ୍ୟବକ୍ତା ଭାବେ ଏଆଇଡିଏସ୍‌ଓର ଓଡ଼ିଶା ରାଜ୍ୟ ସଭାପତି କମ୍ରେଡ୍ ସୋମନାଥ ବେହେରା ଯୋଗଦେଇ କ୍ଷୋଭ ପ୍ରକାଶ କରି କହିଥିଲେ, ଧୀରେ ଧୀରେ ପାଠ୍ୟକ୍ରମରୁ ସ୍ୱାଧୀନତା ସଂଗ୍ରାମୀ ତଥା ମହାମନିଷିମାନଙ୍କ ଜୀବନ ସଂଗ୍ରାମ ସମ୍ପର୍କିତ ବିଷୟବସ୍ତୁକୁ ବାଦ୍ ଦିଆଯାଉଛି। ବାଘାଯତୀନ ଇଂରେଜମାନଙ୍କ ସହ ଶେଷ ଯୁଦ୍ଧ ଲଢ଼ିଥିଲେ। ମୟୂରଭଞ୍ଜ ଜିଲା କପ୍ତିପଦା ଅନ୍ତର୍ଗତ ଚଷାଖଣ୍ଡ ଗ୍ରାମରେ ଯାହାକୁ ଆଧୁନିକ ଭାରତର ହଳଦୀଘାଟ କୁହାଯାଏ, ସେହି ସ୍ଥାନକୁ ପର୍ଯ୍ୟଟନ ସ୍ଥଳ କରିବା ସହ ଛାତ୍ରୀଛାତ୍ର ଓ ଯୁବସମାଜକୁ ଶହୀଦ ବାଘାଯତୀନଙ୍କ ଜୀବନ ସଂଗ୍ରାମରେ ଉଦ୍‌ବୁଦ୍ଧ କରିବା ପାଇଁ ତାଙ୍କର ଏକ ଭବ୍ୟ ପ୍ରତିମୂର୍ତ୍ତି ବାରିପଦାର ମୁଖ୍ୟ ସ୍ଥାନରେ ପ୍ରତିଷ୍ଠା ପାଇଁ ଏଆଇଡିଏସ୍‌ଓ ପକ୍ଷରୁ ଦାବି କରାଯାଇଛି। ଜିଲା ସଭାପତି ମଧୁସୂଦନ ନାଏକ, ସମ୍ପାଦକ ଫୁଲଚାନ୍ଦ ଲୋହାର, ଯତୀନ ବାନର ବକ୍ତବ୍ୟ ରଖିଥିଲେ। ଧନେଶ୍ୱର ସିଂ ବାରି, ଲାଦୁରା ମହାକୁଡ, ସିଙ୍ଗରାୟ ଦେଉଗାମ, ଗୋବିନ୍ଦ ସିଂ, ବମିଆ ଉଗ୍ରସାଣ୍ଡି, ସୁମିତ୍ରା, ଯୁଙ୍ଗା ପ୍ରମୁଖ ନେତୃତ୍ୱ ନେଇଥିଲେ।

## ସଂକ୍ଷେପରେ

### ନୀଳଗିରି ଏନ୍ଏସି ଦୁର୍ନୀତିର ତଦନ୍ତ ଦାବି କଲା ଭାଜପା

ନୀଳଗିରି,୧୦।୯(ପ୍ରଶାନ୍ତ ବିଶ୍ୱାଳ)– ନୀଳଗିରି ଏନ୍ଏସି ଅଧ୍ୟକ୍ଷାଙ୍କ ସ୍ୱାମୀ ସିଟି ମିଶନ ମ୍ୟାନେଜମେଣ୍ଟ ମ୍ୟାନେଜର ଶିବାଜୀ ଦେଙ୍କୁ ମାଡ଼ ମାରିବା ଏବଂ କାର୍ଯ୍ୟାଳୟ ପରିସରରୁ ଏନ୍ଏସିର ଏକମାତ୍ର ପୁରୁଣା ବସ୍ (କ୍ୟାଣ୍ଟର୍) ଉଭାନ ହେବା ଘଟଣାର ତଦନ୍ତ ଦାବି କରିଛି ଭାଜପା। ଏନେଇ ରବିବାର ଅପରାହ୍ନରେ ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଉଭୟ ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ତେବେ କ୍ୟାଣ୍ଟର ଚୋରି ଘଟଣାରେ କାର୍ଯ୍ୟାଳୟର କିଛି କର୍ମଚାରୀ ଏବଂ ନିର୍ବାଚିତ ଜନ ପ୍ରତିନିଧିଙ୍କ ସମ୍ପୃକ୍ତି ରହିଛି ବୋଲି ଭାଜପାର ତୁଙ୍ଗ ନେତୃତ୍ୱମାନେ ଦୋଷାରୋପ କରିଛନ୍ତି। ନିରପେକ୍ଷ ତଦନ୍ତ ହେଲେ ପ୍ରକୃତ ସତ୍ୟ ଲୋକଲୋଚନକୁ ଆସିବ ବୋଲି ସେମାନେ କହିଛନ୍ତି। ପୂର୍ବତନ ନଗରପାଳ ରଧାଗୋବିନ୍ଦ ଖଟୁଆ, ଜିଲା ଉପ–ସଭାପତି ଗଙ୍ଗାଧର ମିଶ୍ର, କରୁଣାକର ପଣ୍ଡା, ଏନ୍ଏସି ସଭାପତି ପ୍ରଫୁଲ୍ଲ ଦଳେଇ ଓ ମନୋରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଖଇରା ସରପଞ୍ଚ ମହାସଂଘ ଗଠିତ

ଖଇରା,୧୦।୯(ଉତ୍କଳବନ୍ଧୁ ପଣ୍ଡା)– ବାଲେଶ୍ୱର ଜିଲା ଖଇରା ବ୍ଲକର ୩୭ ପଞ୍ଚାୟତର ନିର୍ବାଚିତ ସରପଞ୍ଚଙ୍କୁ ନେଇ ଏକ ମହାସଂଘ ଗଠିତ ହୋଇଛି। ଏହି ଅବସରରେ ରବିବାର ଖଇରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଯୋଗଦେଇ ସେମାନଙ୍କର ସମସ୍ୟା ଉପରେ ଆଲୋଚନା କରିଥିଲେ। ସର୍ବସମ୍ମତି କ୍ରମେ ଜୟନ୍ତୀ ପତି ସଭାପତି,ମଦନ ମୋହନ ସାନ୍ତରା ସମ୍ପାଦକ,ଦୟାନିଧି ନାୟକ କୋଷାଧ୍ୟକ୍ଷ,ରବୀନ୍ଦ୍ର ନାୟକ ଉପସଭାପତି ଭାବେ ମନୋନୀତ ହୋଇଥିଲେ ।

### ଓଡ଼ିଆ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର, ୧୦।୯ (ନରେଶ ଚନ୍ଦ୍ର ପଟ୍ଟନାୟକ): ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମି ଜିଲାସ୍ଥିତ ଉତ୍କଳମଣି ବିଦ୍ୟାମନ୍ଦିର ଉଚ୍ଚ ବିଦ୍ୟାଳୟ ଚକ୍ରଧରପୁରରେ ରବିବାର ପଣ୍ଡିତ ଦୁର୍ଗା ଚରଣ କର ସାହିତ୍ୟ ସଂସଦ ପକ୍ଷରୁ ଜିଲାର ୪୦ ଉତ୍କଳ ସମ୍ମିଳନୀ ଓଡ଼ିଆ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଛି। ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାକୁ ଜୀବିତ ରଖିବାପାଇଁ ଉତ୍କଳ ସମ୍ମିଳନୀ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଅବଦାନ ଅତୁଳନୀୟ ବୋଲି ମୁଖ୍ୟ ଅତିଥି ଝାଡ଼ଖଣ୍ଡ ଅଳ୍ପସଂଖ୍ୟକ ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅଶୋକ ଷଡ଼ଙ୍ଗୀ କହିଛନ୍ତି। ଆୟୋଜକ ପଣ୍ଡିତ ଦୁର୍ଗା ଚରଣ କର, ସାହିତ୍ୟ ସଂସଦର ସଂଯୋଜକ ସତ୍ୟପ୍ରକାଶ କର, ସମ୍ମାନିତ ଅତିଥିଭାବେ ଓଡ଼ିଆ ଭାଷା ବିକାଶ ପରିଷଦ ଝାଡ଼ଖଣ୍ଡର ସଭାପତି ପ୍ରଫେସର ଡଃ ନାଗେଶ୍ୱର ପ୍ରଧାନ, ମୁଖ୍ୟ ବକ୍ତାଭାବେ ଉତ୍କଳ ସମ୍ମିଳନୀ ପଶ୍ଚିମ ସିଂହଭୂମି ଜିଲାର ସଭାପତି ପ୍ରଦୀପ୍ତ ଦାଶ ଯୋଗଦେଇଥିଲେ। ସଭାରେ ଉତ୍କଳ ସମ୍ମିଳନୀ ଜିଲା ସାଧାରଣ ସମ୍ପାଦକ ଅମ୍ବିକା ଚରଣ ଦିକ୍ଷୀତ, କୋଷାଧ୍ୟକ୍ଷ ବୈଦ୍ୟନାଥ ପ୍ରଧାନ, ପୂର୍ବତନ ସମ୍ପାଦକ ପୂର୍ଣ୍ଣେନ୍ଦୁ ନନ୍ଦ ଆଦି ବହୁ ଓଡ଼ିଆ ପ୍ରେମୀ ଉପସ୍ଥିତ ଥିଲେ। ପୂର୍ବତନ ଉପସଭାପତି ସରୋଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଣିମୁନ୍ଦେ ପାଇଁ ସଂଘର୍ଷ

ବଡ଼ବିଲ,୧୦।୯(ଦେବପ୍ରିୟ ରଣା)

- କାଶିଆ 'ଖ' ଗ୍ରାମରେ ଜଳ ସଙ୍କଟ
- ସୌରଚାଳିତ ପମ୍ପ କାମ କରୁନି
- ଗ୍ରାମକୁ ପକ୍କାରାସ୍ତା ନାହିଁ


କାଶିଆ 'ଖ' ଗ୍ରାମର ମହିଳାମାନେ ଏକ କୂଅରୁ ପିଇବା ପାଣି ସଂଗ୍ରହ କରୁଛନ୍ତି।

ଦୀପତଳ ଅନ୍ଧାର ଭଳି ଖଣିଜ ସମ୍ପଦରେ ଭରପୂର ଗାଁ ଅବହେଳିତ ଅବସ୍ଥାରେ। ଏକାଧିକ ଖଣି କମ୍ପାନୀର ଧୂଳିଧୂଆଁରେ ଜର୍ଜରିତ ହେଉଥିବା ଉକ୍ତ ଗ୍ରାମର ୨ ସାହି ବାସିନ୍ଦାଙ୍କ ନିକଟରେ ସରକାରୀ ଯୋଜନା ଅପହଞ୍ଚ ହୋଇଯାଇଛି। ଗ୍ରାମକୁ ପକ୍କାରାସ୍ତାଟିଏ ନ ଥିବା ବେଳେ ଦୈନିକ ପାନୀୟ ଜଳ ପାଇଁ ସଂଘର୍ଷ ଜାରି ରଖିଛନ୍ତି। ଗ୍ରାମରେ ପାନୀୟ ଜଳ ପାଇଁ ଗଭୀର ନଳକୂପ, ସୌରଚାଳିତ ପମ୍ପ, ପାଣିଟାଙ୍କି ଅଛି, ହେଲେ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବାରୁ ଗ୍ରାମବାସୀଙ୍କ କାର୍ଯ୍ୟରେ ଲାଗିପାରୁନି । କେନ୍ଦୁଝର ଜିଲା ବଡ଼ବିଲ ତହସିଲ ତଥା ଯୋଡ଼ା ବ୍ଲକ୍ ଭଦ୍ରାସାହି ପଞ୍ଚାୟତରେ ରହିଛି କାଶିଆ 'ଖ' ଗ୍ରାମ। ଖଣି ଘେରା ଉକ୍ତ ଗାଁରେ ବୁରୁ ହଟିଂ ଓ କୁଦୁରବେଢ଼ା ୨ଟି ସାହି ରହିଛି। ଦୁଇ ସାହିରେ ୮୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ରହୁଥିବାବେଳେ ଜନସଂଖ୍ୟା ପ୍ରାୟ ୪ଶହ ପାଖାପାଖି ହେବ। ଗ୍ରାମବାସୀଙ୍କ ମଧ୍ୟରୁ ଅନେକ ଚାଷ କରିବା ସହ ଦିନମଜୁରିଆ ଭାବେ ଜୀବନ ଅତିବାହିତ କରନ୍ତି। ଗ୍ରାମକୁ ଆଜି ପର୍ଯ୍ୟନ୍ତ ଭଲ ରାସ୍ତା ନାହିଁ। ଜଳ ସଙ୍କଟ ଦୂର କରିବାକୁ ଜିଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ସୌରଚାଳିତ ଗଭୀର ନଳକୂପ ଖନନ କରାଯାଇଛି। ଅଧାଦିନ ଖରାପ ରହୁଥିବା ବେଳେ ଆକାଶ ସାମାନ୍ୟ ମେଘାଚ୍ଛନ୍ନ ହେଲେ ନଳକୂପ କାର୍ଯ୍ୟ କରୁନାହିଁ। ଗ୍ରାମରେ ଥିବା ନଳକୂପ ଅଚଳ ହୋଇପଡ଼ିଛି। ଜିଲା ଖଣିଜ ପ୍ରତିଷ୍ଠାନ ଦ୍ୱାରା ମେଗା ପାନୀୟ ଜଳ ଯୋଗାଣ ଯୋଜନାରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ ପାଣିଟାଙ୍କିର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ପ୍ରତି ଘରକୁ ପାଣି ପାଇପ୍ ସଂଯୋଗ ହୋଇଛି, ହେଲେ ଏବେ ସୁଦ୍ଧା କାହାରି ଘରେ ବୁନ୍ଦାଏ ପାଣି ପହଞ୍ଚି ପାରିନାହିଁ। ଫଳରେ ବାଧ୍ୟ ହୋଇ ଗ୍ରାମଠାରୁ ଦୂରରେ ଥିବା ଏକ କୂଅରୁ ପାଣି କାଢ଼ି ଯୁବତୀ ଓ ମହିଳାମାନେ ମୁଣ୍ଡରେ ପାଣିହାଣ୍ଡି ବୋହି ଆଣିଥାନ୍ତି। ସରକାରୀ ଅଧିକାରୀମାନେ କାଗଜକଲମରେ ସୁବିଧା ସୁଯୋଗ ଯୋଗାଇ ଦେଇ ନିଶ୍ଚିନ୍ତ ହୋଇ ଯାଉଥିବାବେଳେ ଏଠାକାର କେତେଜଣ ଲୋକପ୍ରତିନିଧି ଖଣିଜ ବ୍ୟବସାୟରେ ଉବୁଟୁବୁ ହୋଇ ରହୁଥିବା ଅଭିଯୋଗ ହେଉଛି। ତୁରନ୍ତ ସମସ୍ୟା ସମାଧାନ କରିବାକୁ ଦାବି ହୋଇଛି।

# 'ଶହୀଦଙ୍କ ବଳିଦାନ କେବେ ବ୍ୟର୍ଥ ଯିବନି'


ବାଘାଯତୀନଙ୍କ ବଳିଦାନ ଦିବସ ସମାରୋହରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।

ଉଦଳା, ୧୦।୯ (ସନ୍ତୋଷ କୁମାର ବାଛିନୀ)

ନବଭାରତର ଗଠନ ପାଇଁ ଶହୀଦ ବାଘାଯତୀନଙ୍କ ବଳିଦାନକୁ ମନେ ପକାଇ ନିଜକୁ ସେହିଭଳି ଦେଶଭକ୍ତ କରି ଗଢ଼ି ତୋଳିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ଶହୀଦଙ୍କ ବଳିଦାନ କେବେ ବି ବ୍ୟର୍ଥ ଯିବନି। ପ୍ରାଚୀନ ଶିକ୍ଷା ଆମକୁ ଅନେକ କଥା ଶିଖାଇଛି। ଶିଶୁମାନେ ଶିକ୍ଷା ପାଇ ଦେଶଭକ୍ତ ହୁଅନ୍ତୁ। ଶିକ୍ଷା ତାଙ୍କୁ ରାଷ୍ଟ୍ରଭକ୍ତ କରି ଗଢ଼ି ତୋଳୁ ବୋଲି ରବିବାର ଶହୀଦ ବାଘାଯତୀନଙ୍କ ୧୦୮ତମ ବଳିଦାନ ଦିବସ ସମାରୋହକୁ ଉଦ୍‌ଘାଟନ କରି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ମତବ୍ୟକ୍ତ କରିଛନ୍ତି। ବାଘାଯତୀନ ସ୍ମୃତି ପରିଷଦ ଓ ରାଷ୍ଟ୍ରଦୀପ କଟକ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ସମ୍ମାନିତ ଅତିଥି ଭାବେ କପ୍ତିପଦା ବ୍ଲକ ଅଧ୍ୟକ୍ଷ କାହ୍ନୁଚରଣ ସୋରେନ, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ସାଏ ଓ ଇଂ. ଅଶୋକ କୁମାର ଚକ୍ରବର୍ତ୍ତୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ସ୍ମୃତି ପରିଷଦର ସମ୍ପାଦକ ସୁଶାନ୍ତ ମିଶ୍ର ବିବରଣୀ ପାଠ କରିଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ସନ୍ତୋଷ କୁମାର ସାହୁ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଔପନ୍ୟାସିକ କୃଷ୍ଣଚନ୍ଦ୍ର ମିଶ୍ର, କପ୍ତିପଦା ଗୋଷ୍ଠୀ ଶିକ୍ଷାଧିକାରୀ ଦୀପକ କୁମାର ମିଶ୍ର, ସାମ୍ବାଦିକ ଶ୍ରୀକାନ୍ତ ନାୟକ ଓ ସୁଦର୍ଶନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ ସହ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସକାଳ ୮ଟାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର କେଦାର କୁଟୀର ପରିଦର୍ଶନରେ ଯାଇ ଶହୀଦମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ପରେ ୮ଟା ୩୦ରେ ସ୍ମୃତି ବେଦୀରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ସ୍ମୃତି ପରିଷଦର ସଭାପତି ଅଶୋକ କୁମାର ଚକ୍ରବର୍ତ୍ତୀ। ପୂର୍ବାହ୍ନ ୧୦ଟାରେ ଆୟୋଜିତ ରକ୍ତଦାନ ଶିବିରକୁ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ୨ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଶହୀଦ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରି ଫେରିବା ପରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ସୁଶାନ୍ତ କୁମାର ବାରିକ ସଭାକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଶହୀଦ ଲକ୍ଷ୍ମଣ ନାଏକ ମେଡିକାଲ କଲେଜର ମୁଖ୍ୟ ପ୍ରଫେସର ମନୋରଞ୍ଜନ ମଲ୍ଲିକ, ମୁଖ୍ୟବକ୍ତା କପ୍ତିପଦା ତହସିଲଦାର ସମରଜିତ କର, ସ୍ମୃତି ପରିଷଦର ଆବାହକ ସତ୍ୟନାରାଣ ମିଶ୍ର, ସମ୍ମାନିତ ବକ୍ତା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ଏବଂ ସମ୍ମାନିତ ଅତିଥି ଭାବେ କପ୍ତିପଦା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା, ଜିଲା ପରିଷଦ ସଭ୍ୟ ସିରୁ ସୋରେନ, ସରପଞ୍ଚ ଭଗୀରଥି ଦେହୁରୀ, ସମିତିସଭ୍ୟ ସୋମନାଥ ହାଁସଦା ପ୍ରମୁଖ ଯୋଗ ଦେଇଥିଲେ। ତପନ ସେଠୀ, ଗୋଲକ ବେଜ, ସୁଶାନ୍ତ ମହାନ୍ତିଙ୍କ ସମେତ ସ୍ମୃତି ପରିଷଦର ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ନବୀନଙ୍କ ବିକଳ୍ପ ନାହିଁ'


ବିଜେଡିର କାର୍ଯ୍ୟକାରିଣୀ ବୈଠକରେ ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନା, ଏମ୍ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ଓ ଅନ୍ୟମାନେ।

ଭଦ୍ରକ,୧୦।୯(ସନାତନ ରାଉତ/ରବିନାରାୟଣ ଖିଲାର)

**ବିଜେଡିର ଜିଲାସ୍ତରୀୟ କାର୍ଯ୍ୟକାରିଣୀ**

ଭଦ୍ରକ ସହରର ଗାନ୍ଧୀପଡ଼ିଆଠାରେ ବିଜେଡିର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଜିଲା ପର୍ଯ୍ୟବେକ୍ଷକ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଜେନା ଏଥିରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ବିଷୟରେ କହିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦ୍ୱାରା ଗରିବ, ଅସହାୟ ରୋଗୀ ବିନା ମୂଲ୍ୟରେ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହୋଇପାରୁଛନ୍ତି। ମହିଳା ସଶକ୍ତୀକରଣଠାରୁ ଆରମ୍ଭ କରି ଶ୍ରମିକ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ସରକାର ଯୋଜନା ପ୍ରଣୟନ କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ବହୁଳ ମାତ୍ରାରେ ଭୋଟ ଦେଇ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବା ପାଇଁ ସେ ଆହ୍ୱାନ ଦେଇଥିଲେ। ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଓଡ଼ିଶାରେ ନବୀନଙ୍କ ବିକଳ୍ପ ନାହିଁ ବୋଲି କହିଥିଲେ। ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଯୁବଗୋଷ୍ଠୀ ଏକ ହୋଇ ତୃଣମୂଳ ସ୍ତରରେ ଦଳୀୟ ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ଏମ୍ପି ମଞ୍ଜୁଲତା ମଣ୍ଡଳ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ନବୀନ ସରକାରରେ ଓଡ଼ିଶାର ଦ୍ରୁତ ପ୍ରଗତି ବିଷୟରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଜିଲା ପର୍ଯ୍ୟବେକ୍ଷକଙ୍କୁ ବିଶାଳ ବାଇକ୍ ଶୋଭାଯାତ୍ରାରେ ଦଳ ପକ୍ଷରୁ ସଭାସ୍ଥଳକୁ ପାଛୋଟି ଅଣାଯାଇଥିଲା। ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ଜିଲା ଯୁବ ସଭାପତି ମୁକୁନ୍ଦଦେବ ସାମଲଙ୍କ ସହ ବ୍ଲକ, ପଞ୍ଚାୟତ ଏବଂ ୱାର୍ଡସ୍ତରର ନେତା ଓ କର୍ମୀମାନେ ଯୋଗ ଦେଇଥିଲେ।

# ଦହିହାଣ୍ଡି ଭଙ୍ଗା ପ୍ରତିଯୋଗିତା

ଭୋଗରାଇ,୧୦।୯(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସାନ ତେଘରୀ ଶ୍ରୀକୃଷ୍ଣ ମୈଦାନରେ ରାଧାକୃଷ୍ଣ ଯୁବକ ସଂଘ ପକ୍ଷରୁ ୧୦ ଦିନ ଧରି ହେଉଥିବା ନନ୍ଦ ଉତ୍ସବରେ ବିଭିନ୍ନ ଯୁବକ ସଂଘର ସଦସ୍ୟମାନେ ଯୋଗଦେଇ ୩୦ଫୁଟ୍ ଉଚ୍ଚର ଦହି ହାଣ୍ଡି ଭଙ୍ଗା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଏଥିସହିତ ପ୍ରତିଦିନ ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କର ନୃତ୍ୟ, ସଙ୍ଗୀତ ଓ ଖେଳ କୁଦ ପ୍ରତିଯୋଗିତା ସହ ସାଂସ୍କୃତିକ ମଞ୍ଚରେ ପ୍ରତିଦିନ ନାମୀଦାମୀ କଣ୍ଠଶିଳ୍ପୀ, ନୃତ୍ୟାଙ୍ଗନାମାନଙ୍କ ଆକର୍ଷଣୀୟ ସଙ୍ଗୀତ ଓ ନୃତ୍ୟ ଦର୍ଶକମାନଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିମୋହିତ କରି ଆସୁଛି। ଏଥିସହିତ ଧର୍ମୀୟ ସଭା ମଧ୍ୟ ଆୟୋଜନ କରାଯାଉଛି। ସ୍ଥାନୀୟ ଓ ପଶ୍ଚିମବଙ୍ଗର ଦୋକାନୀମାନେ ବିଭିନ୍ନ କିସମର ଖାଦ୍ୟ, ମନହୋରି ସାମଗ୍ରୀର ପସରା ମେଲାଇଛନ୍ତି। ଗ୍ରାମ ମୁଖିଆ ତଥା ସାମାଜିକ କର୍ମୀ ନାରଣପ୍ରସାଦ ସାହୁଙ୍କ ପୌରହିତ୍ୟରେ ଏକ ସାଂସ୍କୃତିକ ସଭାର ଆୟୋଜନ କରାଯାଇଥିଲା। ଯୁବକ ସଂଘର ସଦସ୍ୟ ସୁଶାନ୍ତ କୁମାର ପାତ୍ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମଞ୍ଚ ଆହ୍ୱାନ କରିଥିଲେ ବ୍ୟଙ୍ଗ କବି ଡ. ଶ୍ରୀକୁମାର ଘୋଷ। ମୁଖ୍ୟ ଅତିଥି ଭାବେ କବି ଓ ସାହିତ୍ୟିକ ସତ୍ୟଶିବ ଦାସ, ମୁଖ୍ୟ ବକ୍ତା ଜିଲାପରିଷଦର ସଦସ୍ୟ ସନ୍ତୋଷ କୁମାର ଜେନା, ସମ୍ମାନିତ ଅତିଥି ସାମାଜିକ କର୍ମୀ ଦିଲ୍ଲୀପ କମିଲା, ପୂର୍ବତନ ସମିତି ସଦସ୍ୟ ହରିପଦ ସାହୁ, କମିଟି ସଦସ୍ୟ ଲକ୍ଷ୍ମୀକାନ୍ତ ସାହୁ, ଜଗନ୍ନାଥ ଗିରି ଯୁବକ ସଂଘର ସଭାପତି ତାରାପଦ ପାତ୍ର, ସମ୍ପାଦକ ଝାଡ଼େଶ୍ୱର ସାହୁ, ସହ ସମ୍ପାଦକ ଦୀପକ ପାତ୍ର ପ୍ରମୁଖ ଯୋଗଦେଇ ଭାରତୀୟ ସଂସ୍କୃତିକୁ ଉଜ୍ଜୀବିତ କରିବାକୁ ଆହ୍ୱାନ ଦେଇଥିଲେ।

# ଉଦ୍‌ଘାଟନ ପରେବି କାମରେ ଲାଗୁନି ଶୌଚାଳୟ

ଚମ୍ପୁଆ,୧୦।୯(ମହେଶ୍ୱର ଦାସ)

ମହାଆଡ଼ମ୍ବରରେ ଉଦ୍‌ଘାଟନ କରାଗଲା ସତ ହେଲେ ଯଥା ପର ତଥା ପୂର୍ବ ସ୍ଥିତିରେ ଚମ୍ପୁଆ ଏନ୍ଏସିର ମୁଖ୍ୟବଜାରରେ ଥିବା ଶୌଚାଳୟ। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ବେଳେ ହାଇଟେକ୍ ଶୌଚାଳୟ ଲୋକଙ୍କ କାମରେ ଆସୁନାହିଁ। ଉଦ୍‌ଘାଟନର ୯ ଦିନ ବିତିଯାଇଥିଲେ ମଧ୍ୟ ଶୌଚାଳୟରେ ତାଲା ଝୁଲୁଛି। ସୂଚନା ଅନୁଯାୟୀ, ଜନସାଧାରଣଙ୍କ ସୁବିଧା ତଥା ଉପଖଣ୍ଡ ଚିକିତ୍ସାଳୟକୁ ଆସୁଥିବା ଲୋକଙ୍କ ନିମନ୍ତେ ମହାବିର ଛକଠାରେ ୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଉଭୟପଟୁ ପ୍ରବେଶ ସୁବିଧା ସହିତ ହାଇଟେକ୍ ଶୌଚାଳୟ ନିର୍ମାଣ କରାଯାଇଛି। ଶୌଚାଳୟକୁ ଆଧୁନିକ ଧରଣର ନିର୍ମାଣ କରାଯାଇ ଉଭୟ ମହିଳା ଓ ପୁରୁଷଙ୍କ ନିମନ୍ତେ ସମସ୍ତ ସୁବିଧା ବ୍ୟବସ୍ଥା ରଖାଯାଇଛି। ଅଗଷ୍ଟ ୩୧ ସ୍ୱାୟତ ଶାସନ ଦିବସ ଅବସରରେ ଶୌଚାଳୟକୁ ଆନୁଷ୍ଠାନିକଭାବେ ଲୋକାର୍ପିତ କରାଯାଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ତାଲା ଖୋଲିନି। ଏ ନେଇ ଏନ୍ଏସି ସହକାରୀ ଯନ୍ତ୍ରୀ ସୁଧାକର ଦାସ କହିଛନ୍ତି, ଏହାର ପରିଚାଳନା ଦାୟିତ୍ୱ ଏସ୍ଏଚ୍ଜି ଗ୍ରୁପକୁ ହସ୍ତାନ୍ତର କରାଯାଇ ନଥିବାରୁ ଏହା କାର୍ଯ୍ୟକ୍ଷମ ହୋଇ ପାରୁନାହିଁ।

# 'ସଂସ୍କୃତ ଭାଷା ଭାରତୀୟ ସଂସ୍କୃତିର ପ୍ରାଣକେନ୍ଦ୍ର'

ଭଦ୍ରକ, ୧୦।୯ (ରବିନାରାୟଣ ଖିଲାର)

ସଂସ୍କୃତ ଭାଷା ଭାରତୀୟ ସଂସ୍କୃତିର ପ୍ରାଣକେନ୍ଦ୍ର। ଏହାର ଉନ୍ନତିରେ ଭାରତବର୍ଷର ଉନ୍ନତି ନିହିତ ବୋଲି ଉତ୍କଳ ସଂସ୍କୃତ ଶିକ୍ଷକ ସଂଘର ଭଦ୍ରକ ଜିଲା ଶାଖା ପକ୍ଷରୁ ଜିଲା ସ୍କୁଲ ପରିସରରେ ଅନୁଷ୍ଠିତ ସଂସ୍କୃତ ଦିବସ ସମାରୋହରେ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଦାମୋଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ନାୟକ ସଂସ୍କୃତ ଭାଷା ବିଶ୍ୱରେ ଭାରତର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ଶହୀଦ ଭଗତ ସେନାର ଆବାହକ ସୀତାଂଶୁ ଶେଖର ମହାପାତ୍ର ତାଙ୍କ ବକ୍ତବ୍ୟରେ ସଂସ୍କୃତ ଭାଷାର ପ୍ରଚାର ଦିଗରେ ଯୁବପିଢ଼ି ଆଗଭର ହୋଇ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂଜ୍ୟପୂଜା ସଂସଦର ସମ୍ପାଦକ ରୂପକ ବିହାରୀ ରାୟ ଯୋଗ ଦେଇଥିଲେ। ଶିକ୍ଷକ ମଦନ ମୋହନ ପାଣିଗ୍ରାହୀ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ଦୈତାରୀ ଦୀକ୍ଷିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବେଦ ପାଠ କରିଥିଲେ ଶିକ୍ଷକ ହରେକୃଷ୍ଣ ମହାରଣା। ଶିକ୍ଷକ ପ୍ରାଣକୃଷ୍ଣ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଛାତ୍ରୀ ଅନୁପମା ପାତ୍ର ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ସିମୁଳିଆ,୧୦।୯(ସନ୍ତୋଷ କୁମାର ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ରଘୁନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ଦୁଇଦିନ ବ୍ୟାପୀ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସିମୁଳିଆ ବ୍ଲକର ୧୯ଟି ବିଦ୍ୟାଳୟ ଓ ୨ଟି କଲେଜରୁ ୧୪ ଓ ୧୭ ବର୍ଷ ବୟସରୁ କମ୍ ବୟସର ମୋଟ ୪୫୦ଜଣ କ୍ରୀଡ଼ାବିତ୍ ଏଥିରେ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ କବାଡି, ଖୋ-ଖୋ, ଯୋଗ, ଫୁଟବଲ ଇତ୍ୟାଦି ବିଭିନ୍ନ ବର୍ଗରେ ୧୧୩ଜଣ କୃତି କ୍ରୀଡ଼ାବିତ୍ ଜିଲାସ୍ତର କ୍ରୀଡ଼ା ପାଇଁ ଚୟନ ହୋଇଛନ୍ତି । ରଘୁନାରାୟଣ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବିଭୁଦତ୍ତ ରଥଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବକୁ ସିମୁଳିଆ ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଅତିଥି ରୂପେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଳିକ, ସହଶିକ୍ଷା ଅଧିକାରୀ ଅଜୟ କୁମାର ପଣ୍ଡା, ମାର୍କୋଣା ଅଥ୍‌ଲେଟିକ ଆସୋସିଏସନର ସମ୍ପାଦକ ରମାକାନ୍ତ ପଣ୍ଡା, ସଭାପତି ଗଦାଧର ଜେନା, ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ମହାନ୍ତି, ଓଷ୍ଟା ଶିକ୍ଷକ ସଂଘର ସମ୍ପାଦକ ପ୍ରସନ୍ନ କୁମାର ଧଳ, ସଭାପତି ଭଗବାନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପ୍ରାଣିଗ୍ରାହୀ ମଞ୍ଚ ସଞ୍ଚାଳନା କରିଥିଲେ ।



ଅତିଥିଙ୍କ ଗହଣରେ କୃତୀ କ୍ରୀଡ଼ାବିତ୍‌ମାନେ।

# ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ରୂପସା,୧୦।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ଥାନା ଅମର୍ଦ୍ଦା ଫାଣ୍ଡି ଅନ୍ତର୍ଗତ ପାଣିନଗର ଗ୍ରାମରେ ରବିବାର ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଗୋବିନ୍ଦ ଜେନାଙ୍କ ସ୍ତ୍ରୀ ପୁଷ୍ପଲତା (୪୮)। ଘରେ ଶୋଇଥିବା ବେଳେ ପୁଷ୍ପଲତାଙ୍କୁ ଏକ ବିଷଧର ସାପ କାମୁଡ଼ିଥିଲା। ପରିବାର ଲୋକେ ତାଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ହେଲେ ସେଠାରେ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ। ଥାନାରେ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା (ନଂ. ୪୫/୨୩) ରୁଜୁ ହୋଇ ତଦନ୍ତ ଜାରି ରହିଛି। ଫାଣ୍ଡି ଅଧିକାରୀ ସନ୍ଦୀପ କୁମାର କୁଜୁର୍ ମୃତ ଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

# ୨୪ ବର୍ଷ ହେଲା ତରଳ ଖାଦ୍ୟ ଖାଉଛନ୍ତି ଦିବ୍ୟାଙ୍ଗ

କେନ୍ଦୁଝର,୧୦।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)

**ଜନ୍ମରୁ ଖୋଲୁନି ପାଟି**


ବୁଦ୍ଧିଆ ଜୁଆଙ୍ଗ

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡ଼ିପଶା ପଞ୍ଚାୟତର ପାହାଡ଼ ତଳ କୁଣ୍ଡେଇ ଗ୍ରାମର ଦିବ୍ୟାଙ୍ଗ ବୁଦ୍ଧିଆ ଜୁଆଙ୍ଗ(୨୪) ତରଳ ଖାଦ୍ୟ ଖାଇ ବଞ୍ଚିଛନ୍ତି। ତାଙ୍କର ମୁହଁ ଜନ୍ମରୁ ଖୋଲୁ ନ ଥିବାରୁ ଖାଦ୍ୟ ଖାଇବାରେ ବହୁ ଅସୁବିଧା ଭୋଗୁଛନ୍ତି। ଅର୍ଥାଭାବରୁ ଚିକିତ୍ସିତ ହୋଇ ପାରୁ ନ ଥିବା କହିଛନ୍ତି।

ବୁଦ୍ଧିଆଙ୍କ ଗୋଟିଏ ଗୋଡ଼ ଛୋଟ ହୋଇଥିବାରୁ ଭଲ ଭାବରେ ଚାଲିପାରୁନାହାନ୍ତି। ଜନ୍ମରୁ ତାଙ୍କର ପାଟି ସମ୍ପୂର୍ଣ୍ଣ ଭାବେ ଖୋଲୁନାହିଁ। ତେଣୁ ଭଲ ଭାବରେ କଥା ମଧ୍ୟ କହିପାରନ୍ତିନାହିଁ। ଭାତ, ରୁଟି ଭଳି ଖାଦ୍ୟ ଖାଇ ପାରୁ ନ ଥିବାରୁ ପେଜ, ସୁଜି, ତୋରାଣି, ହାଣ୍ଡିଆ ଖାଇ ବଞ୍ଚିଥିବା ନିଜେ ଖନେଇ ଖନେଇ କୁହନ୍ତି। ଜୁଆଙ୍ଗ ଉନ୍ନୟନ ସଂସ୍ଥା ସହାୟତାରେ ସେଲୁନ ଖୋଲି ଦୁଇ ପଇସା ରୋଜଗାର କରୁଛନ୍ତି। ଅର୍ଥାଭାବରୁ ଚିକିତ୍ସା କରିପାରିନାହିଁ। ସହାୟତା ମିଳିଲେ ପୁଅ କଥା କହିପାରନ୍ତା ବୋଲି ବୁଦ୍ଧିଆଙ୍କ ବାପା ନଟ ଜୁଆଙ୍ଗ କହିଛନ୍ତି। ସାମାଜିକ କର୍ମୀ ମନୋଜ କୁମାର ପଟେଲ କହିଛନ୍ତି, ବୁଦ୍ଧିଆ ଭଲ ଚିତ୍ର କରିବା ସହ ବାଦ୍ୟ ବଜାଇବାରେ ପାରଙ୍ଗମ। ନିଜେ ସ୍ୱଳ୍ପ ରୋଜଗାରେ ଚଳୁଛନ୍ତି। ବୁଦ୍ଧିଆଙ୍କୁ ପ୍ରଶାସନ ଏକ ବ୍ୟାଟେରୀ ଚାଳିତ ଟ୍ରାଇସାଇକେଲ ଯୋଗାଇଦେବାକୁ ସେ ନିବେଦନ କରିଛନ୍ତି।

## ଗୋରୁ ବୋଝେଇ ଟେମ୍ପୋ ଜବତ

ରୂପସା,(ବାଞ୍ଛାନିଧି ଦେ): ବାଲେଶ୍ୱର ଜିଲା ୧୬ ନଂ. ଜାତୀୟ ରାଜପଥର ବସ୍ତା ଥାନା ଅନ୍ତର୍ଗତ ନଳବାହାର ଛକ ନିକଟରୁ ରବିବାର ଏକ ଗୋରୁ ବୋଝେଇ ଟେମ୍ପୋକୁ ପୋଲିସ ଜବତ କରିଛି। ଉକ୍ତ ଟେମ୍ପୋରେ ୩ଟି ଗୋରୁ ବୋଝେଇ ହୋଇ ବସ୍ତା ଅଭିମୁଖେ ଯାଉଥିଲା। ନଳବାହାର ଛକ ନିକଟରେ କିଛି ଯୁବକ ଟେମ୍ପୋକୁ ଅଟକାଇ ରାଜପଥ ପାଟ୍ରୋଲିଂ ଭ୍ୟାନ୍‌କୁ ଖବର ଦେଇଥିଲେ। ପାଟ୍ରୋଲିଂ ଭ୍ୟାନ୍ ପହଞ୍ଚି ଟେମ୍ପୋର କାଗଜପତ୍ର ଯାଞ୍ଚ ପରେ ତାହା ଠିକ୍ ନ ଥିବା ଜାଣି ବସ୍ତା ଥାନା ପୋଲିସ ଜିମାରେ ଉକ୍ତ ଗୋରୁ ବୋଝେଇ ଟେମ୍ପୋକୁ ଦେଇଥିଲେ।

**ସଂକ୍ଷେପରେ**

## ଡାକ ଟିକଟ୍ ସଂଗ୍ରହ କର୍ମଶାଳା

କେନ୍ଦୁଝର,୧୦।୯(ଦୀପକ ମିଶ୍ର): କେନ୍ଦୁଝର ଡାକମଣ୍ଡଳ ପକ୍ଷରୁ ଡାକ ଟିକଟ ସଂଗ୍ରହ କର୍ମଶାଳା ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଭାଗନେଇଥିଲେ। ଝୁମ୍ପୁରା ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଅନୁଷ୍ଠିତ କର୍ମଶାଳାକୁ କେନ୍ଦୁଝର ଡାକମଣ୍ଡଳର ଅଧୀକ୍ଷକ ହରିହର ନାୟକ ଆରମ୍ଭ କରିଥିଲେ। କର୍ମଶାଳାରେ ସହକାରୀ ଅଧୀକ୍ଷକ ବିଷ୍ଣୁ ପ୍ରସାଦ ନାୟକ, କେନ୍ଦୁଝର ପ୍ରଧାନ ଡାକଘର, ବ୍ୟବସାୟିକ କାର୍ଯ୍ୟନିର୍ବାହୀ ଶଙ୍କର ଗୌଡ଼, କେନ୍ଦୁଝର ଡାକ ଟିକଟ ସଂଗ୍ରାହକ ସଂଘର ସଭାପତି ତଥା ଅବସରପ୍ରାପ୍ତ ବନଖଣ୍ଡ ଅଧିକାରୀ ଅକ୍ଷୟ ନାୟକ, ଜିଲା ଶିଶୁ ମଙ୍ଗଳ ସମିତିର ପୂର୍ବତନ ସଭ୍ୟ, ଡାକ ଟିକଟ ସଂଗ୍ରାହକ ଡ. ସନ୍ଦିପ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଦେବାଶିଷ ପତି, ପ୍ରଧାନ ଆଚାର୍ଯ୍ୟ ବିପିନ ବିହାରୀ ଖଣ୍ଡେଇ ଛାତ୍ରୀଛାତ୍ରୀଙ୍କୁ ସଚେତନ କରାଇଥିଲେ। କିଡ୍‌ସ ପବ୍ଲିକ ସ୍କୁଲ ଓ ଶ୍ରୀ ଅରବିନ୍ଦ ଶିକ୍ଷ୍ୟା ଅନୁଷ୍ଠାନରେ କେନ୍ଦୁଝରଗଡ଼ ସହକାରୀ ଡାକପାଳ ଅମୂଲ୍ୟ ମିଶ୍ର, ଡାକ ଟିକଟ ସଂଗ୍ରାହକ ସଂଘର ସମ୍ପାଦକ ଡାକ୍ତର ଚନ୍ଦ୍ର ଶେଖର ବସାକ, ଶିକ୍ଷ୍ୟା ଅନୁଷ୍ଠାନର ଅଧ୍ୟକ୍ଷ ଯଦୁମଣି ମହାନ୍ତ, ଅମିତ ପାଣିଗ୍ରାହୀ ଡାକ ଟିକଟ ସଂଗ୍ରହ ମାଧ୍ୟମରେ ଛାତ୍ରୀଛାତ୍ର କିପରି ଅଧିକ ଜ୍ଞାନ ପାଇପାରିବେ ସେ ବିଷୟରେ କହିଥିଲେ। କର୍ମଶାଳାରେ ଅକ୍ଷୟ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଜିଲା କୃଷକ ମହାସଂଘର ବୈଠକ

ଖୁଣ୍ଟା,୧୦।୯(ଦେବରଞ୍ଜନ ବେହେରା): ମୟୂରଭଞ୍ଜ ଜିଲା କୃଷକ ସଂଗଠନ ପକ୍ଷରୁ ଖୁଣ୍ଟା ଓ ଗୋପବନ୍ଧୁ ନଗର ବ୍ଲକ୍ ଅଧୀନରେ ଥିବା କୃଷକମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷକ ସଂଗଠନର ଜିଲା ସଭାପତି କମଳାକାନ୍ତ ମହାକୁଡ଼ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ତରୁଣ ଛୋଟରାୟ, ମୁଖ୍ୟ ବକ୍ତାଭାବେ ଡ. ପୁଷ୍ପା ପାତ୍ର, ସମ୍ମାନିତ ଅତିଥିଭାବେ ଜିଲା ସଂଘର ଉପଦେଷ୍ଟା ଲୋକନାଥ ଚୌଧୁରୀ, ସମ୍ପାଦକ ରବିନ୍ଦ୍ର ଶତପଥି, ଉପ ସଭାପତି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅମର ସିଂ ସୋରେନ, କୋଷାଧ୍ୟକ୍ଷ ଓ ଜିଲା ସଂଯୋଜକ ଜୟଦୀପ ସାହୁ, ସଦସ୍ୟ ତଥା ପୂର୍ବତନ ସରପଞ୍ଚ ଧନେଶ୍ୱର ଟୁଡୁ, କୁଶଳଦା ସମିତିସଭ୍ୟ ରାମଚନ୍ଦ୍ର ସିଂ ପ୍ରମୁଖ ଯୋଗଦେଇଥିଲେ। କୌଣସି ରାଜନୈତିକ ଉଦ୍ଦେଶ୍ୟ ସାଧିତ ପାଇଁ ଏ ସଂଘ ନୁହେଁ ବରଂ ଚାଷୀ ଓ ଚାଷର ବିକାଶ ସହ ସମସ୍ୟାର ସମାଧାନ ହିଁ ଏହି ଜିଲା କୃଷକ ସଂଗଠନର ମୂଳ ଲକ୍ଷ୍ୟ ବୋଲି କୃଷକ ସଂଗଠନର ନେତୃଗଣ ଉପସ୍ଥିତ ଚାଷୀମାନଙ୍କୁ ସୁଚାଇଥିଲେ। ସଭାରେ ୫ ଶହରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ।

## ହାତୀ ଆକ୍ରମଣରେ ମୃତକଙ୍କ ସ୍ତ୍ରୀଙ୍କୁ ଅନୁକମ୍ପା ରାଶି ପ୍ରଦାନ



ପାଟଣା,୧୦।୯(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନରେ ଗତ ଶୁକ୍ରବାର ହାତୀ ଆକ୍ରମଣରେ ମିରିଖୋଜି ପଞ୍ଚାୟତ କଟା ବେଡ଼ା ଗ୍ରାମର କ୍ଷୀରୋଦ ଚନ୍ଦ୍ର ମହାନ୍ତ(୫୨)ଙ୍କ ମୃତ୍ୟୁ ଘଟିଥିଲା। ରବିବାର ବନ ବିଭାଗ ପକ୍ଷରୁ ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର ମୃତଙ୍କ ସ୍ତ୍ରୀ ସୁକୁମାରି ମହାନ୍ତଙ୍କୁ ୬ ଲକ୍ଷ ଟଙ୍କା ଅନୁକମ୍ପା ରାଶିର ୧୦ ପ୍ରତିଶତ ତଥା ୬୦ ହଜାର ଟଙ୍କାର ଚେକ ପ୍ରଦାନ କରିଛନ୍ତି। ବାକି ୫ ଲକ୍ଷ ୪୦ ହଜାର ଟଙ୍କା ସମସ୍ତ ରିପୋର୍ଟ ଆସିବା ପରେ ପ୍ରଦାନ କରାଯିବ ବୋଲି ରେଞ୍ଜର ସର୍ଦାର କହିଛନ୍ତି। ଏହି ସମୟରେ ସ୍ଥାନୀୟ ୨୯ ନଂ. ଯୋନ ଜିଲା ପରିଷଦ ସଦସ୍ୟ ବୁଦ୍ଧଦେବ ମାହାକୁଡ଼, ୱାର୍ଡ ସଦସ୍ୟ ବିଳାସିନୀ ମୁଣ୍ଡା, ଡେପୁଟି ରେଞ୍ଜର ଅମୂଲ୍ୟ ସେନାପତି ଓ ସାହାରପଡ଼ା ବନପାଳ ଭୂପତି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଦିବାସୀଙ୍କ ବିକାଶ ଉଦ୍ଦେଶ୍ୟରେ 'ଆଦିରାନ'



ମଞ୍ଚରେ ଉପସ୍ଥିତ ଅତିଥିମାନେ।

ବାରିପଦା,୧୦।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ରବିବାର ବାରିପଦା ଛଉ ପଡ଼ିଆରେ ଆଦିବାସୀ ମାରାଥନ ଉପକ୍ରମରେ 'ଆଦିରାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲାରେ ବସବାସ କରୁଥିବା ଆଦିବାସୀମାନଙ୍କୁ ବିକାଶରେ ସାମିଲ ହେବା ପାଇଁ ଏହି ମାରାଥନର ଆୟୋଜନ କରାଯାଇଥିଲା। ସକାଳ ସାଢ଼େ ୭ଟାରୁ ଏହା ଆରମ୍ଭ ହୋଇ ବାରିପଦା ସହର ପରିକ୍ରମା କରି ପୁନର୍ବାର ଛଉ ପଡ଼ିଆରେ ସମାପ୍ତ ହୋଇଥିଲା। ଦୌଡ଼ରେ ଆଦିବାସୀଙ୍କ ସମେତ ସମସ୍ତ ବର୍ଗର ଜନସାଧାରଣ ସାମିଲ ହୋଇଥିଲେ। ଉଭୟ ପୁରୁଷ ଓ ମହିଳା ବର୍ଗର ୨୦ ଜଣ ଲେଖାଏଁ ବିଜେତାଙ୍କୁ ଆକର୍ଷଣୀୟ ଉପହାର ପ୍ରଦାନ କରାଯାଇଥିଲା।

ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡ. ଦେବାଶିଷ ମାରାଣ୍ଡିଙ୍କ ପୌରୋହିତ୍ୟରେ କ୍ରୀଡ଼ାବିତ ତଥା ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନର ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝୀ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ମୋରଡ଼ା ବିଧାୟକ ରାଜକିଶୋର ଦାସ, ରାଜ୍ୟ ଜାତି, ଜନଜାତି, ସଂଖ୍ୟାଲଘୁ ଉନ୍ନୟନ ପରିଷଦ ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ପ୍ରାକ୍ତନ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର, ଭାଦବ ହାଁସଦା, ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଜିଲାପାଳ ବିନୀତ ଭରଦ୍ୱାଜ, ଏସ୍‌ପି ବି.ଗଙ୍ଗାଧର, ରାଜ୍ୟ କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଜିତେନ୍ଦ୍ର ମହାନ୍ତ, ସୁନୀଲ ନାୟକ, ଅରୁଣ ବରାଡ଼ ପ୍ରମୁଖ ପତାକା ଦେଖାଇ ମାରାଥନ ଉଦ୍‌ଘାଟନ କରିଥିଲେ। ପରେ ୧୮ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଦୌଡ଼ ଆରମ୍ଭ କରିଥିଲେ। ପୁରୁଷ ବର୍ଗରେ ଦୁଃଖୁ ଟୁଡୁ ପ୍ରଥମ ହୋଇଥିବା ବେଳେ ପଙ୍କଜ ସୋରେନ ଓ ସୁରଜ ଟୁଡୁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହିଳା ବର୍ଗରେ ସନ୍ଧ୍ୟା ମୁର୍ମୁ ପ୍ରଥମ, ନାମସୀ ସାମ୍ଭାଡ ଓ ଇତିଶ୍ରୀ ମହାନ୍ତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ବିଜେତାଙ୍କୁ ଇଲେକ୍ଟ୍ରି ସ୍କୁଟି ଓ ଅନ୍ୟମାନଙ୍କୁ ସାଇକେଲ ଓ ବିଭିନ୍ନ ଆକର୍ଷଣୀୟ ଉପହାର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ମୟୂରଭଞ୍ଜ ଜିଲାରେ ପ୍ରଥମ ଥର ଏହିଭଳି କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଆଦିବାସୀମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାର ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମ ପରେ ୨୩ ଜିଲାରେ କରାଯିବ ବୋଲି ଜଣାପଡ଼ିଛି। ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା କମଳା ତିରିଆ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ।

**୧୮ ଶହରୁ ଊର୍ଦ୍ଧ୍ୱ ଗଣଦୌଡ଼ରେ ସାମିଲ**

# ବିଷ୍ଣୁ ସେଠୀଙ୍କ ଅସ୍ଥି କଳସ ବିସର୍ଜନ ଶୋଭାଯାତ୍ରା



ତିହିଡ଼ି/ଧାମନଗର,୧୦।୯
(ସଞ୍ଜିତ ବଳ/ଦେବେନ୍ଦ୍ର ଆଢ଼ିଆ)

ଭଦ୍ରକ ଜିଲା ଧାମନଗର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ଅସ୍ଥି କଳସ ବିସର୍ଜନ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଗ୍ରାମ ତିହିଡ଼ି ବ୍ଲକ ଭାଟପଡ଼ା ପଞ୍ଚାୟତ ଅଧୀନ ମଙ୍ଗରାଜପୁରରୁ ଶୋଭାଯାତ୍ରା ବାହାରି ତିହିଡ଼ି ବଜାର ପରିକ୍ରମା କରିଥିଲା। ତିହିଡ଼ି ଓ ଧାମନଗର ବ୍ଲକର ବିଭିନ୍ନ ପଞ୍ଚାୟତ ପରିକ୍ରମା ପରେ ଦୋବଲ ମଧ୍ୟ ଦେଇ ଆନନ୍ଦପୁରସ୍ଥିତ ସିଦ୍ଧେଶ୍ୱର ଘାଟରେ ପହଞ୍ଚିଥିଲା। ସେଠାରେ ବୈତରଣୀ ନଦୀରେ ଅସ୍ଥି ବିସର୍ଜନ କରାଯାଇଥିଲା।

ପୂର୍ବତନ ବିଧାୟକ ସେଠୀଙ୍କ ପୁଅ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଅସ୍ଥି କଳସ ନେଇ ଯାଇଥିଲେ। ଭାଜପାର ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଅଭିମନ୍ୟୁ ସେଠୀ, ବରିଷ୍ଠ ନେତା ଦୀନବନ୍ଧୁ ପତି, ବଦ୍ରିନାରାୟଣ ଧଳ, ଡା. ପ୍ରଦୀପ ନାୟକ, ଜିଲା ସଭାପତି ହେମନ୍ତ ପାଢ଼ୀ, ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ଜେନା, ମନସ୍ୱିତା ଖୁଣ୍ଟିଆ, ରଞ୍ଜିତା ସ୍ୱାଇଁ ପ୍ରମୁଖ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ଦୁର୍ଗାଚରଣ ନାୟକ, ରଘୁନାଥ ପାତ୍ର, କାହ୍ନୁଚରଣ ବେହେରା, ବିଧାୟକଙ୍କ ପ୍ରତିନିଧି ବୁଦ୍ଧଦେବ ଜେନା, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ପ୍ରଦୀପ ବଳ, ସୀତାକାନ୍ତ ନାୟକ, ସୁଶାନ୍ତ ସେଠୀ ପ୍ରମୁଖ ସାମିଲ ଥିଲେ।

## ଚାଲାଣ ବେଳେ ୪ ଗୋରୁ ଉଦ୍ଧାର

ନୀଳଗିରି,୧୦।୯(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ଶିଆଡ଼ିମାଳଠାରେ ଚାଲାଣ ବେଳେ ୪ ଗୋରୁ ଉଦ୍ଧାର ହୋଇଛି। ରବିବାର ସକାଳେ ଏକ ଚାରି ଚକିଆ ଟେମ୍ପୋରେ ଗୋରୁ ବୋଝେଇ ହୋଇ ଆସୁଥିବା ବେଳେ ଶିଆଡ଼ିମାଳ ଅଞ୍ଚଳରେ କିଛି ଯୁବକ ଉକ୍ତ ଗାଡ଼ିକୁ ଅଟକାଇ ନୀଳଗିରି ଥାନାକୁ ଖବର ଦେଇଥିଲେ। ଗାଡ଼ିରେ ଥିବା ଜଣେ ଦିବ୍ୟାଙ୍ଗ ଯୁବକଙ୍କୁ ପୋଲିସ ଅଟକ ରଖିବା ସହ ତଦନ୍ତ ଜାରି ରଖିଛି।

## ମେଡିକାଲ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ମୋରଡ଼ା,୧୦।୯(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ଦାନ୍ତିଆମୁଁହାସ୍ଥିତ ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ମେଡିକାଲ ଅଫିସର ଲିପି ମୁର୍ମୁଙ୍କ ବିରୋଧରେ ଅଞ୍ଚଳବାସୀ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ନେଇ ଏକ ଅଭିଯୋଗପତ୍ର କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।

ଅଭିଯୋଗ ମୁତାବକ, କାର୍ଯ୍ୟରତ ମେଡିକାଲ ଅଫିସର ଜନସାଧାରଣଙ୍କ ପ୍ରତି ବ୍ୟବହାର ଅତ୍ୟନ୍ତ କଷ୍ଟ ଦାୟକ। ଲୋକଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରନ୍ତି। କୌଣସି ରୋଗୀ ତାଙ୍କର ଦେହ ଖରାପ କ'ଣ ପାଇଁ ହୋଇଛି ଜାଣିବା ପୂର୍ବରୁ ଔଷଧ ଲେଖି ଦିଅନ୍ତି। ତେଣୁ ଲୋକେ ଡରରେ ଉକ୍ତ ଡାକ୍ତରଖାନାକୁ ଯାଉ ନ ଥିବା ଶଙ୍କରମଣି ମହାନ୍ତ, ଶମ୍ଭୁନାଥ ଧଳ, ଧନଞ୍ଜୟ ମହାନ୍ତ, ପରମେଶ୍ୱର ମହାନ୍ତ, ଦୀପ୍ତିରେଖା ସାହୁ ପ୍ରମୁଖ ସମ୍ପୃକ୍ତ ମେଡିକାଲ ଅଫିସରଙ୍କୁ ନିଲମ୍ବିତ କରିବା ପାଇଁ ଦାବି କରିଛନ୍ତି।

# ଜିଲାପାଳଙ୍କୁ ଦାବିପତ୍ର ଦେଲେ ମାଛଚାଷୀ

ବାହାନଗା,୧୦।୯(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ମାଛ ଚାଷୀ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ପରିଚାଳନା କରିଥିଲେ ପ୍ରଣୟ ଜେନା ଓ ମନୋରଞ୍ଜନ ପାତ୍ର। ବୈଠକରେ ୧୨ଟି ବ୍ଲକ ଅଧୀନ ମାଛ ଚାଷୀ ସଂଘର ସଦସ୍ୟମାନେ ଯୋଗ ଦେଇଥିଲେ। ଚାଷୀମାନେ ମାଛ ବିକ୍ରି ସମୟରେ ସମ୍ମୁଖିନ ହେଉଥିବା ସମସ୍ୟା ବାବଦରେ ଆଲୋଚନା କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାଇ ୧୨ ଦଫା ଦାବି ନେଇ ସଦସ୍ୟମାନେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କୁ ପ୍ରଥମେ ଦାବିପତ୍ର ପ୍ରଦାନ କରିଥିଲେ। ପରେ ଜିଲା ମତ୍ସ୍ୟ ବିଭାଗର ଡେପୁଟି ଡାଇରେକ୍ଟର ଓ ଜିଲା ମତ୍ସ୍ୟ ଅଧିକାରୀ ଜିତେନ୍ଦ୍ର କୁମାର ବେହେରାଙ୍କୁ ଦାବିପତ୍ର ଦେଇଥିଲେ। ୮ ଟି ଦାବିକୁ ଆଗାମି ଦିନରେ ପୂରଣ କରାଯିବ ବୋଲି ଜିଲା ମତ୍ସ୍ୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ସଂଘର ସଦସ୍ୟମାନେ ପ୍ରକାଶ କରିଛନ୍ତି। ମନୋରଞ୍ଜନ ପାତ୍ର, ପ୍ରଣୟ କୁମାର ଜେନା, ଲୋକନାଥ ମିଶ୍ର, ଦେବେନ୍ଦ୍ର ତ୍ରିପାଠୀ, ଦେବେନ୍ଦ୍ର କଳାପାହାଡ, ନିରଞ୍ଜନ ପଣ୍ଡା, ଧର୍ମାନନ୍ଦ ପଣ୍ଡା, ଯଦୁନାଥ ପଣ୍ଡା, ପ୍ରସନ୍ନ ସାହୁ, ବଂଶୀଧର ପଣ୍ଡା, ସୁଶାନ୍ତ ଦଳାଇ,ସୁଦର୍ଶନ ଶଙ୍ଖୁଆ ପ୍ରମୁଖ ସଂଘର ସଦସ୍ୟମାନେ ବୈଠକରେ ଉପସ୍ଥିତ ଥିଲେ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



@ବାସନ୍ତୀ



@ପୂରନ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## କଂଗ୍ରେସର ଜନଜାଗରଣ ସମାବେଶ



ସମାବେଶରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା।

ବାସୁଦେବପୁର,୧୦।୯
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ଗଡ଼ ଭାବେ ପରିଚିତ ଲକ୍ଷ୍ମୀଦାସପୁର ପଞ୍ଚାୟତର ନବରାତ୍ର ପଡ଼ିଆଠାରେ ଦଳ ପକ୍ଷରୁ ରବିବାର ସଭା ଓ ଶୋଭାଯାତ୍ରା ସହ ଜନଜାଗରଣ ସମାବେଶ କରାଯାଇଛି। ବହୁ କଂଗ୍ରେସ କର୍ମୀ, ସମର୍ଥକ ଓ ନେତୃମଣ୍ଡଳୀ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ପଞ୍ଚାୟତ ପରିକ୍ରମା କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧୀ ସ୍ଲୋଗାନ ଦେଇ ସଭାସ୍ଥଳରେ ପହଞ୍ଚିଥିଲେ। ମୁଖ୍ୟଅତିଥି ଭାବେ ଜିଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସ ଯୋଗଦେଇ ସମାବେଶକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟରେ ବିଜେଡି ଓ କେନ୍ଦ୍ରରେ ଭାଜପା ସରକାର ଦୁର୍ନୀତିରେ ଗରିବ ଜନସାଧାରଣଙ୍କ ସ୍ୱାର୍ଥକୁ ଗୁରୁତ୍ୱ ନ ଦେଇ କେବଳ ଲୁଟ୍ କରିବାରେ ବ୍ୟସ୍ତ ଅଛନ୍ତି ବୋଲି ସେ ଆରୋପ କରିଥିଲେ। ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବଳ, କାର୍ଯ୍ୟକାରୀ ସଭାପତି ପ୍ରଭାତ ବାରିକ, ସରପଞ୍ଚ ଜାନକୀ ବାରିକ, ସମିତିସଭ୍ୟା ସନ୍ଧ୍ୟାରାଣୀ ମହାନ୍ତି, ସରପଞ୍ଚ ଉମାକାନ୍ତ ମଲିକ, ପୂର୍ବତନ ସରପଞ୍ଚ ପୁରୁଷୋତ୍ତମ ନାୟକ, ପୂର୍ବତନ ସମିତିସଭ୍ୟ ମୁକ୍ତିକାନ୍ତ ନାୟକ, ନାଏବ ସରପଞ୍ଚ ବସନ୍ତ ବେହେରା, ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ପଣ୍ଡା, ବରିଷ୍ଠ ନେତା ଜୟଦେବ ବାରିକ, ନିତ୍ୟାନନ୍ଦ ବାରିକ, ପୂର୍ବତନ ସରପଞ୍ଚ ବୁଧିରାମ ସେଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କଂଗ୍ରେସର ପଞ୍ଚାୟତ ସଭାପତି ଦିଲୀପ କୁମାର ରାଉତ ସଭାପତିତ୍ୱ କରିଥିଲେ। ନଗର କଂଗ୍ରେସ ସଭାପତି ସୁଶାନ୍ତ ମହାକୁଡ଼, ବ୍ଲକ ଯୁବ କଂଗ୍ରେସ ସଭାପତି ସିଦ୍ଧାନ୍ତ ଦାସ, ଛାତ୍ର କଂଗ୍ରେସ ସଭାପତି ମନୋରଞ୍ଜନ ପାଢ଼ୀ, ଯୁବନେତା ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୭୦ ଫୁଟ୍‌ର ହେବ ରାବଣ ପ୍ରତୀକ

**ରାବଣପୋଡ଼ି ଉତ୍ସବ ପ୍ରସ୍ତୁତି**

ଯୋଡ଼ା,୧୦।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରରେ ରାବଣ ପୋଡ଼ି ଉତ୍ସବ ପାଇଁ ଯୋଡ଼ା ପୌରପାଳିକା ଅତିଥି କକ୍ଷଠାରେ ଶନିବାର ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାବଣ ପୋଡ଼ି କମିଟି ଉପଦେଷ୍ଟା ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକଙ୍କ ସଭାପତିତ୍ୱରେ ରାବଣ ପୋଡ଼ି–୨୦୨୩ ସଫଳ ନିମନ୍ତେ ବିଭିନ୍ନ କମିଟି ଗଠନ କରାଯାଇଛି। ଚଳିତ ବର୍ଷ ରାବଣ ପୋଡ଼ି ଓ ଆତସବାଜି ସମାରୋହକୁ ସହଯୋଗ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଯୋଡ଼ା କେନ୍ଦ୍ରୀୟ ଖେଳ ପଡ଼ିଆଠାରେ ରାବଣ ପୋଡ଼ିର ଆୟୋଜନ କରାଯିବ। ୭୦ ଫୁଟ୍ ଉଚ୍ଚତାର ରାବଣ ପ୍ରତୀକ ମୂର୍ତ୍ତି ପ୍ରସ୍ତୁତ କରାଯିବାର ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପ ସଭାପତି ନବକୃଷ୍ଣ ମିଶ୍ର, ସମ୍ପାଦକ ନିହାର ରଞ୍ଜନ ରାଉତ, ଯୁଗ୍ମ ସମ୍ପାଦକ ପାଣ୍ଡବ କାରୁଆ, ନିରଞ୍ଜନ ବହିଦାର, ପୁରୁଷୋତ୍ତମ ଦାସ ଉପସ୍ଥିତ ଥିଲେ। ସୁବାଷ ବିହାରୀ, ରାଜେନ୍ଦ୍ର ସାହୁ ପରିଚାଳନା କରିଥିଲେ।



ରାବଣ ପୋଡ଼ି କମିଟି ସଦସ୍ୟମାନେ।

# ଟିପିଏନ୍‌ଓଡିଏଲ୍‌ର ନୂଆ ବିଦ୍ୟୁତ୍ ବ୍ୟବସ୍ଥା ନିୟନ୍ତ୍ରଣ କେନ୍ଦ୍ର ଉଦ୍‌ଘାଟିତ

ବାଲେଶ୍ୱର,୧୦।୯(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇ ନିକଟସ୍ଥ ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍)ର କାର୍ଯ୍ୟାଳୟକୁ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ଅତିରିକ୍ତ ପ୍ରମୁଖ ସଚିବ ତଥା ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ପରିଦର୍ଶନରେ ଆସି ନୂଆ ବିଦ୍ୟୁତ୍ ବ୍ୟବସ୍ଥା ନିୟନ୍ତ୍ରଣ କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି।

ଅତିରିକ୍ତ ପ୍ରମୁଖ ସଚିବ ଧଳ ଟିପିଏନ୍‌ଓଡିଏଲ୍‌ର ମିଟର ପରୀକ୍ଷଣ ଲାବୋରେଟୋରି ପରିଦର୍ଶନ କରି ସ୍ମାର୍ଟ ମିଟରିଂ, ମିଟର ସଠିକତା ଓ ମିଟରରେ ହେଉଥିବା ହେରଫେର ରୋକିବା ଭଳି ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ଟିପିଏନ୍‌ଓଡିଏଲ୍ ଓ ଓପିଟିସିଏଲ୍‌ର ବରିଷ୍ଠ କର୍ପୋରେଟ୍ ଓ କ୍ଷେତ୍ର ଅଧିକାରୀମାନଙ୍କ ସହ ବିଭିନ୍ନ ପ୍ରଦର୍ଶନ ମାନଦଣ୍ଡ, ଉନ୍ନତିମୂଳକ କାର୍ଯ୍ୟକ୍ରମ ଓ ଭିତ୍ତିଭୂମି ବିକାଶ ପ୍ରକଳ୍ପର ସମୀକ୍ଷା କରିଥିଲେ। ଗ୍ରାହକମାନଙ୍କ ପାଇଁ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣରେ ଉନ୍ନତି ଆଣିବା ପାଇଁ ଟିପିଏନ୍‌ଓଡିଏଲ୍‌ର ପୁଞ୍ଜି ବ୍ୟୟ ଓ ସରକାରଙ୍କ ପାଣ୍ଠିରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଅଧୀନରେ ବିଭିନ୍ନ ନେଟ୍‌ୱର୍କ ସୁଦୃଢ଼ୀକରଣ କାର୍ଯ୍ୟକୁ ଅଗ୍ରାଧିକାର ଦେବା ଓ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ନୂଆ ଗ୍ରୀଡ୍ ଓ ୩୩ କେଭି ସବ୍‌ଷ୍ଟେଶନରେ ଲୋଡ଼ିଂକୁ ବଢ଼ାଇବା ଲାଗି ଲିଙ୍କ ଲାଇନ୍ ଯୋଡ଼ିବା ଯୋଜନା ପାଇଁ ଓପିଟିସିଏଲ୍ ସହ ମିଳିତ ଭାବେ କାର୍ଯ୍ୟ କରିବା ଏବଂ ନେଟ୍‌ୱର୍କ ଲୋଡ୍ ଫ୍ଲୋ ଷ୍ଟଡ଼ି ଉପରେ ଗୁରୁତ୍ୱାରୋପ କରିବା, ସମ୍ଭାବ୍ୟ ଲୋଡ୍ ବୃଦ୍ଧିର ମୁକାବିଲା କରିବା ଲାଗି ନେଟ୍‌ୱର୍କରେ ଉନ୍ନତି ଆଣିବା ଯୋଜନା ପ୍ରସ୍ତୁତ କରିବା ଲାଗି ଟିପିଏନ୍‌ଓଡିଏଲ୍‌କୁ ପରାମର୍ଶ ଦେଇଥିଲେ। ଏଥିସହିତ ବିଦ୍ୟୁତ୍ ଚୋରି ମାମଲାକୁ କମ୍ କରିବା ସହିତ ଏଲ୍‌ଟି ନେଟ୍‌ୱର୍କ ଭିତ୍ତିଭୂମିରେ ଉନ୍ନତି ଆଣିବା ଦିଗରେ କାର୍ଯ୍ୟ କରିବାର ଗୁରୁତ୍ୱ ବିଷୟରେ ମଧ୍ୟ ଆଲୋଚନା କରିଥିଲେ। ଏହି ଅବସରରେ ଟିପିଏନ୍‌ଓଡିଏଲ୍‌ର ସିଇଓ ଭାସ୍କର ସରକାର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ଅତିରିକ୍ତ ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ ଓ ଅନ୍ୟମାନେ ଟିପିଏନ୍‌ଓଡିଏଲ୍‌ର ମିଟର ପରୀକ୍ଷଣ ଲାବୋରେଟୋରି ପରିଦର୍ଶନ କରୁଛନ୍ତି।

